




# ନିଆରା ଅବତାରରେ ଦୀପିକା



**ପା**ନ୍ ଇଣ୍ଡିଆ ଅଭିନେତା ପ୍ରଭାସଙ୍କ ଆଗାମୀ ଚଳଚ୍ଚିତ୍ର 'କଳ୍କି ୨୮୯୮ ଏଡି'କୁ ଦର୍ଶକ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଫିଲ୍ମ ଘୋଷଣା ହେବ ପରଠାରୁ ଲଗାତର ଭାବେ ଏହାର ଅପଡେଟ୍ ସାମ୍ନାକୁ ଆସୁଛି। ପ୍ରଥମେ ଫିଲ୍ମରୁ ପ୍ରଭାସଙ୍କ ଲୁକ୍ ସାମ୍ନାକୁ ଆସିଥିଲା। ଏହାପରେ ପ୍ରଭାସଙ୍କ ସହ-ଅଭିନେତା ଅମିତାଭ ବଚ୍ଚନଙ୍କ ଲୁକ୍ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଥିଲା, ଯେଉଁଥିରେ ସେ ଅଶ୍ୱତ୍ଥାମା ଅବତାରରେ ନଜର ଆସିଥିଲେ। ଏବେ ଫିଲ୍ମରୁ ଦୀପିକାଙ୍କ ନୂଆ ଲୁକ୍ ସେୟାର କରିଛନ୍ତି ନିର୍ମାତା। ଏଥିରେ ଦୀପିକାଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ଅବତାରରେ ଦେଖିବାକୁ ମିଳିଛି। ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହକୁ ଦ୍ୱିଗୁଣା କରିଦେଇଛି ଏହି ନୂଆ ପୋଷ୍ଟର। ପୋଷ୍ଟରକୁ ଅତି ନିକଟରୁ ଦେଖିଲେ, ଦୀପିକା ଏପରି ଏକ ସ୍ଥାନରେ ଠିଆ ହୋଇଥିବା ଦେଖାଯାଉଛି, ଯେଉଁଠାରେ ତାଙ୍କ ପଛରେ ଅନେକ ବଡ଼ ପର୍ବତ ଦୃଶ୍ୟମାନ ହେଉଛି ଏବଂ ଅନେକ ଲୋକ ମଧ୍ୟ ତାଙ୍କ ପଛରେ ଅଛନ୍ତି। ସେ ସମ୍ପୂର୍ଣ୍ଣ ଓଦା ହୋଇଥିବା ଦେଖାଯାଉଛନ୍ତି, କାରଣ ଫଟୋରେ ଏହା ସ୍ପଷ୍ଟ ଦେଖାଯାଉଛି ଯେ ବର୍ଷା ହେଉଛି। ଅତି ଛୋଟ କେଶରେ ଦୀପିକାଙ୍କ ଏହି ଲୁକ୍ ତାଙ୍କ ପ୍ରଶଂସକମାନଙ୍କୁ ଜଣେ ଯୋଦ୍ଧା ଭଳି ଦେଖାଯାଉଛି। ଏନେଇ କମେଣ୍ଟ ଜରିଆରେ ପ୍ରଶଂସକମାନଙ୍କ ଅନେକ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏଥିସହ ଜୁନ୍ ୧୦ ଅର୍ଥାତ୍ ଆସନ୍ତାକାଲି 'କଳ୍କି ୨୮୯୮ ଏଡି'ର ଟ୍ରେଲର ରିଲିଜ୍ ହେବ ବୋଲି ପୋଷ୍ଟରରେ ସୂଚନା ଦିଆଯାଇଛି। ନାଗ ଅଶ୍ୱିନ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଜୁନ୍ ୨୭ରେ ପରଦାକୁ ଆସିବ।

# 'ତେରେ ଇସ୍କ୍ ମେଁ'ର ସୁଟିଂ ଆରମ୍ଭ କଲେ ଧନୁଷ୍



**ବ**ଲିଉଡରେ ଅନେକ ଫିଲ୍ମ ଘୋଷଣା ହୋଇ ମଧ୍ୟ କୌଣସି ନା କୌଣସି କାରଣରୁ ଏହାର ନିର୍ମାଣ ହୋଇପାରେ ନାହିଁ। ଏଭଳି କିଛି ଘଟିଛି ସାଉଥ୍‌ର ଲୋକପ୍ରିୟ ଅଭିନେତା ଧନୁଷଙ୍କ ସହ। ଆନନ୍ଦ ଏଲ୍ ରାୟଙ୍କ ନିର୍ଦ୍ଦେଶିତ ଫିଲ୍ମ 'ତେରେ ଇଷ୍କ୍ ମେ'ର ଘୋଷଣା ହେବାର ୧୧ ମାସ ପରେ ବି ଏହାର ସୁଟିଂ ଆରମ୍ଭ ହୋଇ ନାହିଁ। ମଝିରେ ଏହି ଫିଲ୍ମ ନିର୍ମାଣ ହେବ ନାହିଁ ବୋଲି ଖବର ବି ପ୍ରକାଶ ପାଇଥିଲା। ତେବେ ଧନୁଷ ଏବେ ଏକ ତାମିଲ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଆନନ୍ଦଙ୍କ ଏହି ଫିଲ୍ମର ସୁଟିଂ ପାଇଁ ତାଙ୍କୁ ଦୁଇ ମାସ ସମୟ ଦେବାକୁ ହେବ। ତେଣୁ ତାମିଲ୍ ଫିଲ୍ମର ସୁଟିଂ ପରେ ହିଁ ଧନୁଷ ଏହାର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଆନନ୍ଦ ମଧ୍ୟ ଧନୁଷଙ୍କ କଥାରେ ରାଜି ଅଛନ୍ତି। ଅକ୍ଟୋବର, ନଭେମ୍ବର ମାସରେ ଧନୁଷ ଏହାର ସୁଟିଂ ଆରମ୍ଭ କରିବେ। ଏହା ଏକ ଭିନ୍ନ ଧରଣର ପ୍ରେମ କାହାଣୀ ହେବ। ଏଥିରେ ଧନୁଷ ଶଙ୍କର ନାମକ ଜଣେ କ୍ରୋଧୀ ଯୁବକ ଭୂମିକାରେ ଅଭିନୟ କରିବେ। ତେବେ ଜୁଲାଇ ମାସ ସୁଦ୍ଧା ଫିଲ୍ମର ନାୟିକା ଫାଇନାଲ କରାଯିବ। ହିମାଂଶୁ ଶର୍ମା ଓ ନୀରଜ ଏହାର କାହାଣୀ ଲେଖିଥିବାବେଳେ ଏ.ଆର ରେହମାନ୍ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେବେ। ବାରଣାସୀ ଓ ଉତ୍ତର ପ୍ରଦେଶର କେତେକ ସ୍ଥାନରେ ଏହାର ସୁଟିଂ ହେବ। ଏହାପୂର୍ବରୁ ଧନୁଷ, ଆନନ୍ଦଙ୍କ ଫିଲ୍ମ 'ରାଞ୍ଜଣା' ଓ 'ଅତରଙ୍ଗି ରେ' କାମ କରିଥିଲେ।

# ଆକ୍ସନ ଫିଲ୍ମରେ ନଜର ଆସିବେ ସିଦ୍ଧାର୍ଥ ମଲହୋତ୍ରା

**'ଷ୍ଟୁ**ଡେଂଟ ଅଫ୍ ଦି ଇୟର' ରୁ କ୍ୟାରିୟର ଆରମ୍ଭ କରିଥିବା ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ଅନେକ ବଲିଉଡ ଫିଲ୍ମରେ କାମ କରିଛନ୍ତି। ତାଙ୍କର ଚଳଚ୍ଚିତ୍ର 'ଯୋଦ୍ଧା' ଚଳିତ ବର୍ଷ ମାର୍ଚ୍ଚରେ ମୁକ୍ତିଲାଭ କରିଥିଲା, ଯାହା ବକ୍ସ ଅଫିସରେ ସେମିତି କିଛି କମାଲ କରିପାରି ନଥିଲା। ଏବେ ଖବର ଆସୁଛି ଯେ ଅଭିନେତା ପୁଣି ଥରେ ଆକ୍ସନ୍ ଅବତାରରେ ଦେଖିବାକୁ ଯାଉଛନ୍ତି। ଏହି ସମୟରେ ସିଦ୍ଧାର୍ଥ ମୁରାଦ ଖେତାନୀଙ୍କ ସହ ହାତ ମିଳାଇଛନ୍ତି ଏବଂ ଏକ ଆକ୍ସନ ସିନେମାରେ ମଧ୍ୟ ଅଭିନୟ କରିବେ। ଏହି ଫିଲ୍ମଟିକୁ ବଲୱିନ୍ଦର ସିଂ ଜନଜୁଆଙ୍କ ନିର୍ଦ୍ଦେଶନା ଦେବେ, ଯିଏକି ପୂର୍ବରୁ ରଣଦୀପ ହୁଡାଙ୍କ 'ତେରା କ୍ୟା ହୋଗା ଲଭଲି' ଏବଂ ଜିଓ ସିନେମା ଧାରାବାହିକ 'କ୍ୟାଟ'ର ନିର୍ଦ୍ଦେଶନା ଦେଇଥିଲେ। ଏକ ରିପୋର୍ଟ ଅନୁଯାୟୀ ସିଦ୍ଧାର୍ଥ ମଲହୋତ୍ରାଙ୍କ ଏହି ଫିଲ୍ମର ଟାଇଟଲ୍ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଯେତେବେଳେ କି, ମୁରାଦ ଖେତାନୀ ସିନେ୧ ଷ୍ଟୁଡିଓ ସହିତ ତାଙ୍କ ଚଳଚ୍ଚିତ୍ର ଟନେଲ ପ୍ରଡକ୍ସନ୍ ଅଧୀନରେ ଏହାକୁ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏହା ଆକ୍ସନ, ରୋମାନ୍ସ ଏବଂ ଡ୍ରାମାରେ ପରିପୂର୍ଣ୍ଣ ଏକ ଫିଲ୍ମ ହେବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ଫିଲ୍ମର କାମ ବର୍ତ୍ତମାନ ପ୍ରଡକ୍ସନ୍ ପର୍ଯ୍ୟାୟରେ ଅଛି। ଏହା ପରେ ଏହାର ସୁଟିଂ ସେପ୍ଟେମ୍ବର ମାସରେ ଉତରାଖଣ୍ଡରେ ଆରମ୍ଭ ହୋଇପାରେ। ତେବେ ଏହି ଚଳଚ୍ଚିତ୍ର ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ଘୋଷଣା କରାଯାଇ ନାହିଁ। ସମ୍ପ୍ରତି ନିର୍ଦ୍ଦେଶକ ବଲୱିନ୍ଦର ତାଙ୍କ ଚଳଚ୍ଚିତ୍ର 'ସନ୍ ଫାଷ୍ଟ କ୍ଲାସ 'ର ନିର୍ଦ୍ଦେଶନା ଦେଉଛନ୍ତି ଯେଉଁଥିରେ ବରୁଣ ଶର୍ମା ଏବଂ ଶେହନାଜ ଗିଲ ମୁଖ୍ୟ ଭୂମିକାରେ ଅଛନ୍ତି। କିଛି ଦିନ ପୂର୍ବରୁ ଖବର ଆସିଥିଲା ଯେ ସିଦ୍ଧାର୍ଥ ମଲହୋତ୍ରା ଏବଂ କ୍ରିତି ସାନନଙ୍କୁ ଏକ ରୋମାଂଟିକ ଫିଲ୍ମ କରୁଥିବା ଦେଖିବାକୁ ମିଳିବ। ତାଙ୍କର ଏହି ଚଳଚ୍ଚିତ୍ର ମ୍ୟାଡକ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି, ଯାହା ଏକ ପ୍ରେମ କାହାଣୀ ହେବାକୁ ଯାଉଛି। ଏହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ।



# ଡାକ୍ତରଖାନାରେ ଭର୍ତ୍ତି ହେଲେ ଅର୍ଜୁନ କପୁର !

**ରୋ**ହିତ ସେଟୀଙ୍କ ନିର୍ଦ୍ଦେଶିତ ଆଗାମୀ ଫିଲ୍ମ 'ସିଙ୍ଗହମ୍ ଏଗେନ'ରେ ନଜର ଆସିବାକୁ ନେଇ ଚର୍ଚ୍ଚାରେ ଅଛନ୍ତି ଅର୍ଜୁନ କପୁର। ସବୁବେଳେ ତାଙ୍କୁ ଦର୍ଶକ ହିରୋ ଭାବେ ଦେଖି ଆସିଥିବା ବେଳେ ଏଥର ପ୍ରଥମ କରି ଖଳନାୟକ ଭାବେ ଦେଖିବେ। ତେବେ ଫିଲ୍ମ ରିଲିଜ ପୂର୍ବରୁ ନିକଟରେ ଅର୍ଜୁନ ଅଷ୍ଟ୍ରିଆର ଏକ ମେଡିକାଲ ହେଲଥ ରିସର୍ଟରେ କିଛି ଦିନ ବିତାଇଥିଲେ। ଅଭିନେତା ବର୍ତ୍ତମାନ ତାଙ୍କ ଇନଷ୍ଟାଗ୍ରାମରେ ତାଙ୍କ ଯାତ୍ରାର କିଛି ଫଟୋ ସେୟାର କରିଛନ୍ତି। ଫଟୋରେ ସେ ଡାକ୍ତରଖାନା ବେଡରେ ବସିଥିବା ଦେଖିବାକୁ ମିଳିଛି। ଏହି ଫଟୋଟି ତାଙ୍କ ପ୍ରଶଂସକଙ୍କ ଚିନ୍ତା ବଢ଼ାଇଦେଇଛି। ଅର୍ଜୁନ କପୁରଙ୍କ ଦ୍ୱାରା ସେୟାର କରାଯାଇଥିବା ଫଟୋଗୁଡ଼ିକ ମଧ୍ୟରୁ ଗୋଟେ ଫଟୋରେ ଅଭିନେତାଙ୍କ ହାତରେ ଆଇଭି ଡ୍ରିପ ଲାଗିଥିବା ଦେଖିବାକୁ ମିଳିଛି। ଏହି ସମୟରେ ଅର୍ଜୁନ କପୁର ବିଛଣାରେ ବସିଥିବା ବେଳେ ହସୁଥିବା ମଧ୍ୟ ଦେଖିବାକୁ ମିଳିଛି। ତାଙ୍କର ଏହି ଫଟୋ ପ୍ରଶଂସକଙ୍କ ଚିନ୍ତା ବଢ଼ାଇଥିବା ବେଳେ ଏବେ ଏହା ପଛର କାରଣ ସାମ୍ନାକୁ ଆସିଛି। ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେ ରିପୋର୍ଟ ଅନୁଯାୟୀ ଅର୍ଜୁନ ଅସୁସ୍ଥ ନଥିଲେ ବରଂ ଭିଟାମିନ ଥେରାପି ନେଉଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି।

# ବିଶାଲଙ୍କୁ ନେଇ ସୋନାଙ୍କ ଜବାବ୍

**ମ୍ୟୁ**ଜିକ କମ୍ପୋଜର ବିଶାଲ ଦଦଲାନି ତାଙ୍କ ବିବୃତି ପାଇଁ କିଛିଦିନ ହେବ କ୍ରମାଗତ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ସେ କଙ୍ଗନା ରଣାଉତଙ୍କୁ ଚାପୁଡ଼ା ମାରିବା ମାମଲାରେ ସିଆଇଏସ୍ଏଫ୍ ମହିଳା କର୍ମଚାରୀ କୁଲବିନ୍ଦର କୌରଙ୍କୁ ସମର୍ଥନ କରିବା ସହିତ ତାଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ସୋନା ମହାପାତ୍ର ବିରୋଧ କରି ବିଶାଲ ତାଙ୍କ ସହିତ କିପରି ବ୍ୟବହାର କରିଥିଲେ ସେ ବିଷୟରେ ଖୋଲାଖୋଲି ଆଲୋଚନା କରିଛନ୍ତି। ବିଶାଲ ଦାଦଲାନି ନିକଟରେ ତାଙ୍କ ସୋସିଆଲ ମିଡିଆ ଆକାଉଂଟରେ କରିଥିବା ପୋଷ୍ଟରେ ଲେଖିଛନ୍ତି "ମୁଁ କଦାପି ହିଂସାକୁ ସମର୍ଥନ କରେ ନାହିଁ, କିନ୍ତୁ ଏହି ସିଆଇଏସ୍ଏଫ୍ ମହିଳା ଅଧିକାରୀଙ୍କ କ୍ରୋଧର କାରଣ ମୁଁ ସମ୍ପୂର୍ଣ୍ଣ ଭାବେ ବୁଝିପାରିଛି। ଯଦି ଉକ୍ତ ସିଆଇଏସ୍ଏଫଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ମୁଁ ତାଙ୍କୁ ଚାକିରି ଦେବି। ଜୟ ହିନ୍ଦ, ଜୟ ଜବାନ ଜୟ କିସାନ୍।" ବିଶାଲଙ୍କୁ ନେଇ ଏକ ଟ୍ୱିଟ୍ ସେୟାର କରି ସୋନା ଲେଖିଛନ୍ତି ଯେ ଯେତେବେଳେ ମ୍ୟୁଜିକ କମ୍ପୋଜର ଅନୁ ମଲିକ୍ ତାଙ୍କୁ ହଇରାଣ କରିଥିଲେ, ସେ ସମୟରେ ବିଶାଲ ମୋତେ ସାହାଯ୍ୟ ଓ ସମର୍ଥନ କରିବା ବଦଳରେ ଟଙ୍କା ରୋଜଗାର ବିଷୟରେ କହିଥିଲେ। ଏବେ କଙ୍ଗନାଙ୍କୁ ମାଡ଼ ମାରିଥିବା ସିଆଇଏସ୍ଏଫଙ୍କୁ ସମର୍ଥନ କରି ବିଶାଲ କ'ଣ ପ୍ରମାଣ କରିବାକୁ ଚାହୁଁଛନ୍ତି ମୁଁ ବୁଝି ପାରୁ ନାହିଁ। ତେବେ କଣ୍ଠଶିଳ୍ପୀ ଅନୁ ମଲିକଙ୍କ କଥା କହିଲେ, ୨୦୧୮ ମସିହାରେ ମିଟୁ ଆନ୍ଦୋଳନ ସମୟରେ ଅନେକ ମହିଳା ଗାୟକ ଅନୁ ମଲିକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ସମୟରେ ସୋନା ମହାପାତ୍ର ଅନୁ ମଲିକଙ୍କୁ ସିରିଏଲ ଅପରାଧୀ ବୋଲି କହିଥିଲେ, ଅନୁ ବିଳମ୍ବିତ ରାତିରେ ଫୋନ କରି ତାଙ୍କୁ ଡାକନ୍ତି। ଏଥିସହିତ ଫୋନରେ ଅଶ୍ଳୀଳ କଥା ବି ହୋଇଥାଆନ୍ତି।' ସୋନାଙ୍କ ପରେ ଆଉ ତିନିଜଣ ମହିଳା ଅନୁଙ୍କ ବିରୋଧ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ସେହିପରି କଣ୍ଠଶିଳ୍ପୀ ଶ୍ୱେତା ପଣ୍ଡିତ ଅନୁଙ୍କ ବିରୋଧରେ ଅଭିଯୋଗ କରି କହିଥିଲେ, ୧୫ବର୍ଷ ବୟସରେ ଅନୁ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୧୩**

# ହିକକା


ନାରାୟଣ ଚନ୍ଦ୍ର ବିଶ୍ୱାଳ

କାହିଁକି ଆସେ ହାକୁଟି ? ଏହାକୁ ନେଇ ବୈଜ୍ଞାନିକ କାରଣ ଯାହା ହେଇ ଥାଉନା କାହିଁକି ଏହାକୁ ନେଇ କିଛି ମିଥ୍ ମଧ୍ୟ ରହିଛି । କେତେକଙ୍କ ବିଶ୍ୱାସରେ କେହି ଯଦି କାହାକୁ ମନେ ପକାଏ ତେବେ ଯାହାକୁ ମନେ ପକାଯାଉଥାଏ ତା'ର ହାକୁଟି ଉଠେ । ମାତ୍ର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରୁ ଦେଖିଲେ ଆମର ଛାତି ଏବଂ ପେଟ ମଝାମଝି ଏକ ମାଂସପେଶୀ ରହିଛି । ଏହାକୁ ଡାୟାଫ୍ରାମ ବୋଲି କୁହାଯାଏ । ଡାୟାଫ୍ରାମ ଉକ୍ତ ଦୁଇ ଭାଗକୁ ପୃଥକ ରଖିବାରେ ସାହାଯ୍ୟ କରେ ଏବଂ ଶ୍ୱାସପ୍ରଶ୍ୱାସ ନେବା ଛାଡ଼ିବାରେ ମହତ୍ୱପୂର୍ଣ୍ଣ ଭୂମିକା ନେଇଥାଏ । କୌଣସି କାରଣରୁ ଯଦି ଡାୟାଫ୍ରାମ ସଙ୍କୁଚିତ ହୁଏ ତେବେ ଫୁସଫୁସ ବାହାରର ବାୟୁ ତୀବ୍ର ଭାବେ ଭିତରକୁ ଟାଣିଥାଏ ଏହାଦ୍ୱାରା ଶ୍ୱାସକ୍ରିୟାରେ ଅସ୍ୱାଭାବିକତା ପରିଲକ୍ଷିତ ହୋଇଥାଏ । ଏହା ହିକାର କାରଣ ହୋଇଥାଏ । ତେବେ ଏପରି ଘଟେ କାହିଁକି ? ଅଧିକ ମାତ୍ରାରେ ଭୋଜନ କରିବା, ଶୀଘ୍ର ଶୀଘ୍ର ଭୋଜନ କରିବା, ଧୂମପାନ, ଚିଉଇଙ୍ଗମ୍ ଚୋବାଇବା, ପେଟରେ ଗ୍ୟାସ, ଏସିଡିଟି, ତନ୍ତ୍ରରେ ଅସ୍ୱାଭାବିକତା, ଅତ୍ୟଧିକ ମଦ୍ୟପାନ ଆଦି ହିକାର କାରଣ ହୋଇଥାଏ । ପେଟ ବା ଅନ୍ତରେ କୌଣସି ସମସ୍ୟା ଥିଲେ କ୍ଷତିକାରକ ଧୂଆଁ ଏପରିକି କିଛି ଔଷଧର ପ୍ରଭାବରୁ ମଧ୍ୟ ଏହା ହୋଇଥାଏ । ଏହାବାଦ ବହୁ ସମୟ ଧରି କାନ୍ଦିଲେ, ଛୋଟପିଲା ଥଣ୍ଡା ରୋଗରେ ପୀଡ଼ିତ ହୋଇଥିଲେ, ନବଜାତ ଶିଶୁ ମା'କ୍ଷୀର ଅଧିକ ପିଇବା ଦ୍ୱାର ହିକା ଆସିଥାଏ । ପିଲା ବର୍ଷକର ହୋଇଥିଲେ ତା'ଠାରେ ଏହି ଲକ୍ଷଣ ପ୍ରକାଶ ପାଇବା ଏକ ସାଧାରଣ କଥା । ତେଣୁ ଏହାକୁ ନେଇ ଚିନ୍ତିତ ହେବାର କୌଣସି କାରଣ ନାହିଁ । ତେବେ କୌଣସି ଶିଶୁର ରିଫ୍ଲକ୍ସ ସମସ୍ୟା ଥିଲେ ତା ଠାରେ ହିକା ଆସିବାର ସମ୍ଭାବନା ବଢ଼ିଯାଏ । ତେବେ ଏ ହିକା ଆସିବା କ'ଣ ଖରାପ ? ଏମିତିରେ ହିକା ଉଠିବା ଏତେ ବଡ଼ ସମସ୍ୟା ନୁହେଁ । ତେବେ ବାରମ୍ବାର ଯଦି ହିକା ଉଠୁଥାଏ, ତା' ସହିତ ଜ୍ୱର ଆସିବା, ଯନ୍ତ୍ରଣା ହେବା, ଶ୍ୱାସ ଗ୍ରହଣରେ କଷ୍ଟ ଅନୁଭବ କରିବା କିମ୍ବା ବାନ୍ତି ବାନ୍ତି ଲାଗିବା ସମସ୍ୟା ଦେଖାଦେଲେ ଏହା ବିପଦଜନକ ହୋଇଥାଏ । ଏମିତି ହାକୁଟି ଅଳ୍ପ ସମୟ ପାଇଁ ରହିଥାଏ । ତେବେ ହାକୁଟି ତିନିଘଂଟାରୁ ଅଧିକ ସମୟ ପାଇଁ ଲାଗି ରହିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର । ହାକୁଟି ରୋକିବାକୁ କିଛି ଘରୋଇ ଉପାୟ : ସାଧାରଣତଃ ହାକୁଟି ଉଠିଲେ ପ୍ରତ୍ୟେକ ବ୍ୟକ୍ତିନିଜ ନିଜ ସ୍ତରରେ ଏହାକୁ କିପରି ରୋକି ହେବ ପ୍ରୟାସ ଆରମ୍ଭ କରିଦିଅନ୍ତି । କେହି କେହି ତ କହନ୍ତି ଚମକାଇ ଦେଲେ ହାକୁଟି ଆଉ ଉଠେ ନାହିଁ । କେହି କେହି ଦୁଇ ତିନିଗ୍ଲାସ ପାଣି ପିଇ ଏହାକୁ ଅଟକାଇବାକୁ ଚାହାନ୍ତି । ମାତ୍ର ସବୁବେଳେ ଏହି ଉପାୟ କାମ ଦିଏ ନାହିଁ । ହାକୁଟି ବନ୍ଦ ହୁଏ ନାହିଁ । ହାକୁଟି ଜୋର ହେଉଥିଲେ ଆଉ କିଛି ଉପାୟ ମଧ୍ୟ ଜାଣି ରଖନ୍ତୁ । ଏହାବାଦ ଥଣ୍ଡା ପାଣି ପିଇବା ବା ବରଫ ଚୁଷିବା ଦ୍ୱାରା ହାକୁଟି କମେ । ବ୍ୟକ୍ତି ଧ୍ୟାନ ଅନ୍ୟ ଆଡ଼େ ନେଇଯିବା ଦ୍ୱାରା ମଧ୍ୟ ହାକୁଟି କମେ ବୋଲି କୁହାଯାଏ । ଜିଭକୁ ଯେତେ ଦୂର ସମ୍ଭବ ବାହାରକୁ ବାହାର କରନ୍ତୁ । ଏହାଦ୍ୱାରା ଗଳାର ସେହି ଭାଗ ଖୋଲି ଯାଇଥାଏ, ଯେଉଁଠି ନାସା ପଥ ସହ ଯୋଡ଼ି ହୋଇଥାଏ ଭୋକାଲ କର୍ଡ଼ ବା ସ୍ୱରଗ୍ରନ୍ଥି । ଏହାଦ୍ୱାରା ହାକୁଟି ବନ୍ଦ ହୁଏ । ଗଭୀର ପ୍ରଶ୍ୱାସ ନିଅନ୍ତୁ । କିଛି ସେକେଣ୍ଡ ପାଇଁ ତାକୁ ଭିତରେ ରଖନ୍ତୁ । ଏହାଦ୍ୱାରା ଫୁସଫୁସରେ କାର୍ବନ ଡାଇଅକ୍ସାଇଡ଼ ଭରିଯାଏ ଏବଂ ଡାୟାଫ୍ରାମ ତାକୁ ବାହାରକୁ ବାହାର କରିଦେଇଥାଏ । ଏହାଦ୍ୱାରା ହାକୁଟି ବନ୍ଦ ହୋଇଯାଇଥାଏ ।

*ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ'*
*କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ*

# ତାରାପୁତ୍ର ବାମାକ୍ଷେପା

**ଶ୍ରୀହରିଗୁରୁଆଶ୍ରିତ ଅତୀଶ**

କଲିକତାର ମହାନଗରୀ ଠାରୁ ଅନତୀ ଦୂରେ ବୀରଭୂମି ଜିଲ୍ଲାରେ ପବିତ୍ର ଦ୍ୱାରକା ନଦୀ କୂଳରେ ପ୍ରସିଦ୍ଧ ତାରାପୀଠ ଅବସ୍ଥିତ ଜାଗ୍ରତ ଶ୍ମଶାନ ମଧ୍ୟ ଭାଗରେ ମା'ତାରା କେଉଁ କାଳରୁ ବିରାଜିତ । ମା'ଙ୍କ ପୂଜା ମୁଖ୍ୟତ ପଂ*ମ-କାର ତାନ୍ତ୍ରିକ ମତରେ ମଦ୍ୟ, ମାଂସ, ମାଛ, ମୁଦ୍ରା ଓ ମୈଥୁନ ନିୟମରେ ହୁଏ ଏହାର ରହସ୍ୟ ସାଧାରଣ ଲୋକଙ୍କୁ ଜଣାନାହିଁ । ଯୋଗ୍ୟ ତାନ୍ତ୍ରିକ ଗୁରୁଙ୍କ ସେବା ସହିତ ତାଙ୍କଠାରୁ ଗାଳିମାଡ଼ ଖାଇ ତାଙ୍କ ପାଦରେ ପଡ଼ି ରହିଲେ ଓ ତାଙ୍କ ପରୀକ୍ଷାରେ ସଫଳ ହେଲେ ସେ ଦୟାକରି ଏହାର ପଂ*ମକାର ସାଧନା ଶିଖାଇବା ସହିତ ତାର ରହସ୍ୟ ଶିଷ୍ୟକୁ ଗୁପ୍ତରେ କହିଥାନ୍ତି ଯାହାଦ୍ୱାରା ଶିଷ୍ୟର ପରମ ଉପକାର ହୁଏ । ମୋର ପୂଜ୍ୟ ବଡ଼ବାପା ଉତ୍କଳାନନ୍ଦ ଶ୍ରୀ ଅଜୟ କୁମାର ବେହେରାଙ୍କ ତାଙ୍କ ସାଧନା ସମୟରେ ବହୁତ ସାଧକ ଓ ତାନ୍ତ୍ରିକ ଗୁରୁମାନଙ୍କ ସାନିଧ୍ୟ ପାଇଛନ୍ତି ତାଙ୍କ ଠାରୁ ଯାହା ଶୁଣିଛି ତାହା ପ୍ରକାଶ କରୁଛି । ଠିକ ସେହିପରି ଜଗତଜନନୀ ମା'ତାରା ପାଖରେ କାନ୍ଦେ ତାକୁ ଆକୁଳ ଭାବରେ ଡାକେ ସେ ଧରା ଦେବ କୋଳ କରିନେବ । ଏହିପରି ଥିଲେ ସାଧକ ବାମାପେକ୍ଷପା । ମା'ତାରାକୁ ଭକ୍ତିରେ ବଶ କରି ରଖିଥିଲେ ଦିନେ ମା'ତାରାକୁ ଦେଖି ବାମାକ୍ଷେପାଙ୍କ ଶିଶୁସୁଲଭ ଭାବ ଜଗି ଉଠିଲା ସେ ଶିଳାମୟୀ ମା'ତାରା ଉପରେ ପରିସ୍ରା କରିଦେଲେ ପୂଜକମାନେ ତାଙ୍କୁ ଗାଳିମାଡ଼ ଦେଇ ମନ୍ଦିରରୁ ବାହାର କରିଦେଲେ କାନ୍ଦି କାନ୍ଦି ବାହାରିଗଲେ ବାମା ତୁ କୁଆଡ଼େ ଦୟାମୟୀ ନା ପାଷାଣୀ ଆଉ କେବେ ଆସିବିନି ମା' ତୋର ମନ୍ଦିରକୁ କହି ଚାଲିଗଲେ ପବିତ୍ର ଶ୍ୱେତଶିମୁଳି ଗଛ ମୂଳରେ ଥିବା ପଂ* ମୁଣ୍ଡି ଆସନରେ ବସି କାନ୍ଦି କାନ୍ଦି ଧ୍ୟାନସ୍ଥ ପ୍ରିୟପୁତ୍ର କାନ୍ଦୁଛି ଖାଇନି କିଛି ମା' କଣ ବା ଖାଇବ ସେଦିନ ରାତିରେ ମା'ତାର ଖାଇନି କି ଶୋଇନି ପୁଅ ଅଭିମାନ କରିଛି ତେଣୁ ମା ନାଟୋରର ରାଣୀଙ୍କୁ ସ୍ୱପ୍ନରେ କହିଲେ ରାଣୀ ତୋର ଛୋଟ ପୁଅ ଯଦି ତୋର ଉପରେ ପରିସ୍ରା କରେ ତୁ କ'ଣ ତୋର ସେବକ ମାନଙ୍କ ଦ୍ୱାରା ଗାଳିମାଡ଼ ଦେଉକି ? ସେହିପରି ମୋର ଅଲିଅଳ ପୁଅ ବାମା ମୋର ଉପରେ ଯଦି ପରିସ୍ରା କଲା ସେବକମାନେ ତାକୁ ମାରିଲେ ସେ ରାଗିକି ମୋର ପାଖକୁ ଆସିବନାହିଁ କହି ଯାଇଛି ସେ କିଛି ଖାଇନି, କି ମୁଁ କିଛି ଖାଇନି, କାଲି ସକାଳେ ମନ୍ଦିର ପୂଜକ ମାନଙ୍କୁ କହିବୁ ବାମାକୁ କ୍ଷମା ମାଗିବେ ଓ କହିବୁ ମା ତାର କହିଛି ବାମା ମନ୍ଦିର ଭିତରେ ଯାହାକରୁ ତାକୁ କେହି ବାରଣ କରିବେ ନାହିଁ । ଏହାର ମୋର ଆଜ୍ଞା ବାମା ମୋର ପ୍ରିୟ ପୁତ୍ର ଧନ୍ୟ ମା'ତାରା, ଧନ୍ୟ ତୋ ପୁତ୍ର । ରାଣୀମା ଆଜ୍ଞାରେ ସକାଳୁ ପୂଜକମାନେ ବାମାକ୍ଷେପାଙ୍କ ପାଦ ଧରି କ୍ଷମା ମାଗିଲେ ମନ୍ଦିରକୁ ଯିବାକୁ ବାମା ଅରାଜି ହେବାରୁ କହିଲେ ମା' ତାରା କାଲିଠାରୁ କିଛି ଖାଇନି ତୁମେ ମନ୍ଦିରକୁ ନଗଲେ ଆମେ ନଖାଇଲେ ସେ କିଛି ଖାଇବ ନାହିଁ ଧାର ଧାର ଲୁହ, ଝରିଗଲା ବାମାକ୍ଷେପାଙ୍କ ଆଖିରୁ ମା'ତୁ କୃପାମୟୀ ଜୟ ତାରା ଜୟ ତାରା କହି ମା'ମନ୍ଦିରକୁ ଯାଇ ଦର୍ଶନ କଲେ । ବାମ ଦୁଇ ଶକ୍ତିମାନ ଆଚାର୍ଯ୍ୟ ଓ ଶ୍ରୀ କୈଳାଶପତି ବାବା ଓ ମେକ୍ଷାନନ୍ଦଙ୍କ ପ୍ରିୟ ଶିଷ୍ୟ ଗୁରୁଶକ୍ତି କୃପାରୁ ଇନ୍ଦ୍ରିୟ ମାନଙ୍କ ଉପରେ ବିଜୟ ହାସଲ କରି ପାଲଟି ଯାଇଛନ୍ତି ଜିତେନ୍ଦ୍ରିୟ ବାମାକ୍ଷେପା । ଶ୍ରୀ ସଦଗୁରୁ ନାମଚର୍ଯ୍ୟ ବାୟା ଯେତେବେଳେ ଅବଧୂତ ଅବସ୍ଥାରେ ବୁଲୁଥିଲେ ସେହି ସମୟରେ ସେ ମା' ତାରାଙ୍କ ଦର୍ଶନ ପାଇଁ ତାରା ପୀଠ ଆସିଥିଲେ ସେଠାରେ ଜଣେ ଅଜଣା ବୃଦ୍ଧ ତାନ୍ତ୍ରିକ ସନ୍ନ୍ୟାସୀ ଦ୍ୱାରକା ନଦୀରେ ସ୍ନାନ କରାଇ ଶ୍ୱେତଶିମୁଳି ଗଛମୂଳେ ଥିବା ପଂ*ମୁଣ୍ଡି ଆସନରେ ବସି ସାଧକ ଶ୍ରୀ ବାମାକ୍ଷେପା ଘୋର ତନ୍ତ୍ର ସାଧନ କରୁଥିଲେ ସେଠାକୁ ନେଇ ବାୟାଙ୍କୁ ସେଠାରେ ଉପବେଶନ କରାଇଥିଲେ ଅଳ୍ପ ସମୟରେ ଶ୍ରୀ ବାମାକ୍ଷେପାଙ୍କ ଦର୍ଶନ ଓ ଉଚ୍ଚତମ ତନ୍ତ୍ରସିଦ୍ଧି ହୋଇଯାଇଥିଲା ଶ୍ରୀ ବାୟାଙ୍କର ମଣିକାଂ*ନ ସଂଯୋଗ ହେଲା ପରି ବାୟାଙ୍କ ଜୀବନରେ ଅନୁଭବ ରହିଛି । ପରଶ ପଥର ପରଶରେ ଲୁହା ସୁନା ହେବାପରି ସାଧକମାନଙ୍କ ସଂଯୋଗ ହୋଇଥାଏ ଶ୍ରୀ ବାମାକ୍ଷେପାଙ୍କ ପରି ବାୟାଙ୍କର ମହିମା ଅପୂର୍ବ । କେବଳ ଅନୁଭବୀ ଜାଣିପାରିବେ ଏମାନେ ସବୁ ନାମ ସିଦ୍ଧ ମହାତ୍ମା । ବହୁ ମେଟିରିଆଲ ଇଚ୍ଛୁକ ବ୍ୟକ୍ତି ଗୁରୁବାଦରୁ ଦୂରେଇ ଯାଇ ନାନାଦି ଅଶାନ୍ତି କଳିତର୍କ ମାୟା ଜଡ଼ିତ, ଅକାଳମୃତ୍ୟୁ, ହତ୍ୟା, ଲୁଣ୍ଠନ ଓ ଠକାମିରେ ପଡୁଛିନ୍ତି । ହେ ପଥଭ୍ରଷ୍ଟମାନେ ଥରେ ଆମ ସଂସ୍କୃତି ପରମ୍ପରାକୁ ଫେରିଚାଲ ଅଳ୍ପକେ ସନ୍ତୋଷ ହୁଅ, ଶାସ୍ତ୍ରବାକ୍ୟକୁ ସ୍ୱୀକାର କର ଶାନ୍ତି କିପରି ମିଳିବ ଜାଣିପାରିବ । ଜୟ ମା'ତାରା ଜୟ ଗୁରୁଗୋବିନ୍ଦ ।

*ଦୂରଭାଷ : ୬୩୭୧୫୮୦୫୨୪*

# ମହୀରାବଣ ଯୁଦ୍ଧକୁ ବାହାରୁଛନ୍ତି


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମହୀ ଅର୍ଥ ପୃଥ୍ୱି, କିନ୍ତୁ ପ୍ରକୃତରେ ମହୀରାବଣ ପୃଥିବୀତଳରେ ବାସ କରୁଥିଲେ । ମାଟିତଳେ ବଙ୍କର ଗଡ଼ି ରହିବାପରି ସେ ରହୁଥିଲେ । ଯୁଦ୍ଧର ପ୍ରାବଲ୍ୟରେ ରାବଣ ଅତିଷ୍ଠ ହୋଇ ସେ ଆଦେଶ କରି ଏହି ମାଟି ତଳିଆ ଗଡ଼ ବାସିନ୍ଦା ଅଧିକାରୀଙ୍କୁ ଯୁଦ୍ଧକୁ ଯିବା ଆଦେଶ ଦେଇଥିଲେ । ମହୀରାବଣ ଯୁଦ୍ଧକୁ ଯିବା ନିଶ୍ଚିନ୍ତ ମାତ୍ର ତାଙ୍କୁ ଯୁଦ୍ଧ ଅନୁକୂଳ ଦେଖି ଯିବା ନିହାତି ଆବଶ୍ୟକ । ଯୁଦ୍ଧରେ ସେନାକ୍ଷୟ, ଯାନକ୍ଷୟ ଅସ୍ତ୍ରଶସ୍ତ୍ର ଏପରିକି ନିଜର ବିଷୟ ବା ମରଣ ହୋଇପାରେ । ସର୍ବଦା ଯୁଦ୍ଧରେ ମୁଖ୍ୟ ସେନାନାୟକ ଓ ରାଜା ପଛରେ ରହନ୍ତି, ସୈନ୍ୟମାନେ ଆଗରେ ରହି ଶତ୍ରୁ ସେନାଙ୍କ ମୁକାବିଲା କରନ୍ତି । ଏଥିରେ ସମର କୌଶଳୀ ଥିବା ଦଳ ଅପର ସେନା ଦଳକୁ ବିନାଶ କରିଥାନ୍ତି ।

ରାଜା ସେନାପତି ବିହ୍ୱର ମଧ୍ୟରେ ରହିବା ଯଦି ବିହୂପତନ ହୁଏ ଶେଷରେ ପ୍ରତ୍ୟକ୍ଷ ଯୁଦ୍ଧକୁ ନିଜକୁ ଓହ୍ଲାଇବାକୁ ପଡ଼େ । ରାବଣ ଏପରି ବିହୂ ମଧ୍ୟରେ ଥିଲେ ତାଙ୍କର ବାହିନୀରେ ତୁହା ତୁହା ବିଭିନ୍ନ ସେନାମୁଖ୍ୟଙ୍କର ସେନା ଶ୍ରୀରାମ ସୁଗ୍ରୀବ, ଜାମ୍ବବାନ, ହନୁମାନ, ଅଙ୍ଗଦଙ୍କ ବାହିନୀ ମୁକାବିଲା କରିବାକୁ ଆସୁଥିଲେ । ମହୀରାବଣ ଜଣେ ପ୍ରଚଣ୍ଡ ଯୋଦ୍ଧା ତାଙ୍କର ବାହିନୀରେ ଖାଇପିଇ ବିଭିନ୍ନ କସରତ ଅସ୍ତ୍ର ଚାଳନା କରି ରହିଥିବା ସେନାଙ୍କୁ ନେଇ ସେ ଯୁଦ୍ଧକୁ ଯିବେ । ଏପାଇଁ ଅନୁକୂଳ ସମୟ ନିହାତି ଦରକାର । ଅନୁକୂଳ ଏକ ପର୍ଯ୍ୟାୟ ବିଦ୍ୟା ଜ୍ୟୋତିଷ ଶାସ୍ତ୍ରରେ ବିସ୍ତୃତ ଭାବରେ ବୟାନରେ ରହିଛି । ଗ୍ରହଶୁଦ୍ଧି, ଲଗ୍ନଶୁଦ୍ଧି ସହିତ ସମୟ ଶୁଦ୍ଧି ଯୋଗିନୀଗତି ସମୁଖ ଚନ୍ଦ୍ର ତାରାଶୁଦ୍ଧି ପନ୍ନାତୀ ଆଦି ଖୋଦ କରିବା ଦରକାର ପଡ଼େ । ଗ୍ରହବାଦୀ ପ୍ରତିବାଦୀଙ୍କ ପାଇଁ ଏକ ରାଶିରେ ନିଷ୍ଟେ ରହିବେ ମାତ୍ର କେଉଁ ଲଗ୍ନ ନେଲେ ବାଦୀ ହାରିବ ଓ ବା ପ୍ରତିବାଦୀ ପରାସ୍ତ ହେବ ଏହାର ସୂତ୍ର ରହିଛି । ପୁଣି ଅମୃତ, ମାହେନ୍ଦ୍ର, ଶୂନ୍ୟବକ୍ର ସମୟ ଅଛି । ଅମୃତ ମାହେନ୍ଦ୍ରରେ ଜିତାପଟ ହୋଇଥାଏ । ଦିଗଶୂଳ ଅଛି ଦିଗଶୂଳରେ ଯାତ୍ରାରେ ଦିଗ ହିଁ ଶୂଳ ହୋଇଥାଏ ।

ଯୁଦ୍ଧ କ୍ଷେତ୍ରରେ ଆକ୍ରମଣକାରୀ କେଉଁ ଦିଗରେ ଅଛନ୍ତି ତାଙ୍କୁ କେଉଁ ଦିଗରୁ ଆକ୍ରମଣ କଲେ ଅଳ୍ପଶ୍ରମରେ ପରାସ୍ତ କରାଯାଇପାରେ ଏପରି ବିଧାନ ସମର ଶାସ୍ତ୍ରରେ ଅଛି । ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଯୁଦ୍ଧ କଲେ, ପବନ ଆସୁଥିବା ଦିଗକୁ ମୁହଁ କରି ଯୁଦ୍ଧ କଲେ ଯଦି ଯୁଦ୍ଧକ୍ଷେତ୍ର ଅସମତଳ ଭୂମି ବହୁତ ଉଚ୍ଚ ନିଚ୍ଚ ହୋଇଥିବ ତେବେ ତଳପଟରେ ରହି ଉପର ପଟକୁ ସାଙ୍ଗରେ ଯୁଦ୍ଧ କଲେ ପ୍ରକୃତିର ଗତି କାରଣରୁ ଆକ୍ରମଣରେ ହାନି ସମ୍ଭବନା ଯଥେଷ୍ଟ ହୋଇଥାଏ । ଯେଉଁମାନେ ଶିକାର ପ୍ରଥମେ ଜଙ୍ଗଲରେ ପ୍ରବେଶ ବେଳକୁ ବାୟୁର ଗତି ନ ବୁଝିଲେ ପ୍ରବଳ ପ୍ରାଣଶକ୍ତି ଜୀବ ମାଂସାଶୀ ପଶୁ ମାନଙ୍କର ଆକ୍ରମଣରେ ପଡ଼ିବା ସାର ହୁଏ । ଶିକାରୀ ପଛପଟରୁ ପବନ ଶିକାର ଆଡ଼କୁ ଯାଉଥିଲେ ଉଭୟଙ୍କର ଅବସ୍ଥାରେ ଶିକାରୀ ପଡ଼ିପାରନ୍ତି । ସେହିପରି ରାମ ରାବଣ ଯୁଦ୍ଧରେ କ୍ଷେତ୍ର ଥିଲା ସୁଶିକ୍ଷିତ ଯୁଦ୍ଧ ଅସ୍ତ୍ର ସଜ୍ଜିତ ରାବଣଙ୍କର ବିଭିନ୍ନ ବାହିନୀକୁ ଶ୍ରୀରାମ ଲକ୍ଷ୍ମଣଙ୍କ ବାଦ ସମସ୍ତେ ବାନରମାନେ ଶରୀରଗୁଷ୍ଟ ଯୋଦ୍ଧା । ମାତ୍ର ପାଖରେ ଗଦା, ଫିଙ୍ଗିବା ଓଜନ ଦାରଦ୍ରବ୍ୟ ଏସବୁକୁ ନେଇ ଯୁଦ୍ଧ କରାଯାଉଥିଲା । ରାବଣ ଇନ୍ଦ୍ରଜିତ ଆକାଶରୁ ବିମାନରୁ ଆକ୍ରମଣ କରୁଥିଲେ । ଯାହା ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ତାଙ୍କ ଅସ୍ତ୍ର ଉପରୁ ତଳକୁ ଲକ୍ଷ୍ୟ ଭେଦ କରିବା ସହଜ ବେଳେ ଉପରକୁ ଶ୍ରୀରାମ ଲକ୍ଷ୍ମଣ ତୀର ବାଣ ଉତକ୍ଷେପଣ ବହୁ ଶ୍ରମ ଓ କୌଶଳ ସାପେକ୍ଷ ଥିଲା । ମହୀରାବଣ ଖଣିଖୋଳା ଜ୍ଞାନରେ ଅଭିଜ୍ଞ ସେ ମାଟିତଳୁ ଆକ୍ରମଣ କରାଯାଉଥିବା ସ୍ଥାନ ନିର୍ଣ୍ଣୟ କରି ଯଦି ମାଟିତଳୁ ଉଭର ଭୂମିକୁ ବିଭିନ୍ନ ଗ□କରେ ତେବେ ଉପରେ ଥିବା ସେନା ତଳକୁ ଗଳି ପଡ଼ିବେ ଓ ଦୁର୍ଘଟଣା ଭୋଗୀ ମୃତ୍ୟୁ ବରଣ କରିପାରନ୍ତି । ମାଟି ଉପରେ ଥିବା ଲୋକ କେବେ କଳ୍ପନା କରିନଥିବେ ଏପରି ପାଦତଳୁ ଆକ୍ରମଣ ହୋଇପାରେ ।

ରାଜାମାନେ ସେନାମାନେ ଗ୍ରହ ନକ୍ଷତ୍ର ଦେଖି ଯାତ୍ରା କରିବାକୁ ବେଳେ ବେଳେ ଅବକାଶ ନଥାଏ ଏ ପାଇଁ ଶକୁନ ଦେଖି ଯାତ୍ରା କରନ୍ତି । ଏମିତି ଚୋର ଡକାୟତ ଶକୁନ ଦେଖି ଯାତ୍ରା କରନ୍ତି । ମହୀରାବଣଙ୍କୁ ବୀରବେଶ କରାଇ ବନ୍ଦାଇ ମଥାରେ ଟିକ ଲଗାଇ ତାଙ୍କ ସ୍ତ୍ରୀ ଯୁଦ୍ଧକୁ ପଠାଇଥିବା ବେଳେ ଦିନରେ ଅଣ୍ଡିରା ବିଲୁଆ ଘନ ଘନ ବୋବାଇଲେ । ଏପରି ଅବଶକୁନ ଦେଖି ଶୁଣି ତାଙ୍କ ସ୍ତ୍ରୀ ଯୁଦ୍ଧକୁ ଯିବାକୁ ପୁରା ବାରଣ କଲେ । ମହାରାବଣ କହିଲେ ଏହି ଅଣ୍ଡିରା ବିଲୁଆ ରଡିରେ କ'ଣ କୋଉ ପରାଜୟ ହେବ ଦେଖ ମୁଁ ମନ୍ତ୍ର ପ୍ରୟୋଗ କରୁଛି ବିଲୁଆଙ୍କର ଭୁକିବା ବନ୍ଦ ହୋଇଯିବ । କିଛି ମନ୍ତ୍ର ପଢ଼ି ଚାଉଳ ଫିଙ୍ଗିଦେଇ ବିଲୁଆ ସ୍ୱର ବନ୍ଦ କରିଦେଲେ । ହେଲେ ଅଙ୍ଗକମ୍ପନ ବାମ ଚକ୍ଷୁ ସ୍ଫୁରିବା ଆଉ କିଛି ବିପରୀତ ଶକନୁ ଦେଖିବାକୁ ମିଳିଲା । ମହୀରାବଣ କହିଲେରେ ଅଳ୍ପବୁଦ୍ଧିର ସ୍ତ୍ରୀ ଲୋକ ଏସବୁ ମନର ଭ୍ରମ, ଅନ୍ଧବିଶ୍ୱାସ ଏବଂ ଯୁଦ୍ଧକୁ ଯିବିମାନେ ଯିବି । ମୋର ଜିତାପଟ ହେବ ହିଁ ହେବ । ଦେବୀ ନିକୁମ୍ଭିଳା ଆଶୀର୍ବାଦ ନେଇ ଯାଉଛି ଜିତିବା ନିଶ୍ଚୟ । ନିକୁମ୍ଭିଳା ହିଁ ତାଙ୍କର ଉପାସ୍ୟ ଦେବୀ ଯେ ପ୍ରକୃତରେ ପ୍ରତ୍ୟଙ୍ଗୀରା ଦେବୀ ସ୍ୱର୍ଗଗମନ ଆଉ ଜିତିଗଲେ ମାଟି ଭେଗା । ସେ ଅପଶକୁନ ମାଟିଭୋଗ କରାଇଥିଲା । ନାହିଁ ଯୁଦ୍ଧରେ ବୀରଗତି ପାଇ ସେ ସ୍ୱର୍ଗଭୋଗ ହିଁ କରିଥିଲେ । ଏହାପରେ ଲୋକେ ଦେବେ ଅନେକ ମତ । ଭୂଜତର୍ପି ଅହଙ୍କାରୀ, ସ୍ୱ ଅଧିକାର ପାଇଁ ଲଢ଼ାଇ, ଆଭିଜାତ୍ୟ ରକ୍ଷା, ରାଜା ପିତା ଗୁରୁ ଜାତିର ନିରାପତା ପାଇଁ ଯୁଦ୍ଧକୁ ଝାସ, ଯୁବା ଶକ୍ତିର ଆଦର୍ଶ ଯୁଦ୍ଧକୁ ଭୟ ନକରି ମୁକାବିଲା କରିବା, ଶାସ୍ତ୍ରର ବହୁ ନିଷେଧ ପଥକୁ ବୀର ଯୋଦ୍ଧାମାନେ ସ୍ୱୀକାର କରି ଯୁଦ୍ଧ ପଛ ଘୁଂ* ଦିଅନ୍ତି ନାହିଁ । ତାର ମୃତ୍ୟୁ ତହିଁର ରହିଛି ଏହା ବିଧି ନିର୍ଦ୍ଦେଶ । ସ୍ୱାଙ୍କର ଯୋଦ୍ଧାସ୍ୱାମୀ ଥିଲେ ସେ ବୀରଗତି ପ୍ରାପ୍ତ ହେଲେ ପଛେ ଯୁଦ୍ଧକାତର ନଥିଲେ । ନିଜର ଦୁର୍ଗରେ ବହିଶତ୍ରୁକୁ ଏକ ବିଶେଷ ଭୟର ତାଗିଦ ଚେତାଇବା, ଶତ୍ରୁର ବଳ କଳନା ନକରି ସନ୍ଧି ନକରିଯୁଦ୍ଧ କରିବା, ଅନ୍ଧଭଳି ପରିସ୍ଥିତି ନବୁଝି ଯୁଦ୍ଧକୁ ଡେଇଁବା, ଯୋଦ୍ଧା ବିଦ୍ୟା ଶିକ୍ଷାରେ କିଛି ଯୁଦ୍ଧ କୌଶଳ ଅଜ୍ଞାତରେ ଛାଡ଼ି ଦେଇ ତତ୍କାଳ ସଂକଟାପନ୍ନ ହେଲେ ଲଢ଼ାଇର ଧର୍ମ ସେ ରକ୍ଷାକରିଛନ୍ତି ସେ ମରିଗଲେ ବି ରେକର୍ଡ଼ ରଖି ଯାଇଛନ୍ତି । ଜନ ମାନସରେ ରାମାୟଣରେ ନାମ ଦରଜ ରହିଛି ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ସ୍ୱାଧୀନତାର ମାଧୁର୍ଯ୍ୟ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଗକୁ ଆସୁଛି ସ୍ୱାଧୀନତା ଦିବସ । ପ୍ରତିଟି ଭାରତୀୟଙ୍କ ପାଇଁ ମୁକ୍ତି ଓ ମହାର୍ଘ୍ୟର ଦିନଟିଏ । ତେବେ ସ୍ୱାଧୀନତାର ଅର୍ଥ ନୁହେଁ, ଉପନିବେଶବାଦ ଶାସନର ଦାସତ୍ୱ ଶୃଙ୍ଖଳରୁ ମୁକ୍ତି ହେବାର ଏକ ଜାତୀୟ ପୁଲକ; ବରଂ ବ୍ୟକ୍ତି ଓ ସାମଗ୍ରିକ ବିକାଶର ଏହା ଅନ୍ୟତମ ବିଭବ ହେବା କଥା । ଯାହା ୭୮ ବର୍ଷ ପରେ ମଧ୍ୟ ଆମେ ସେହି ପ୍ରଗତି, ବିକାଶର ଦିଗ୍‌ବଳୟ ଛୁଇଁବାକୁ ସକ୍ଷମ ହୋଇପାରିନେ । ଏଥିପାଇଁ କେବଳ ଶାସନ, ପ୍ରଶାସନ କିମ୍ବା ରାଜନେତାଙ୍କୁ ଦୋଷ ଦେଲେ ଆମେ ଭୁଲ କରିବା । ଅନ୍ୟ କାନ୍ଧରେ ସବୁ ଦାୟିତ୍ୱ ଥୋଇଦେଇ ସହଜ ସମାଲୋଚନା କରିବା ସବୁବେଳେ ଠିକ୍ ନୁହେଁ । ଅତୀତରେ ଅତ୍ୟାଚାରୀ ରାଜା, ମହାରାଜା ଓ ପରେ ବ୍ରିଟିଶର ନିଷ୍ଠୁର ଶାସନରୁ ମୁକ୍ତ ହୋଇ ଆମକୁ ମିଳିଲା ସ୍ୱାଧୀନତା । ଗଣତନ୍ତ୍ର ଓ ସମାଜବାଦର ଶାସନ ପ୍ରତିଷ୍ଠା ହେଲା । ଆମେ ଜନପ୍ରତିନିଧି ବାଛିଲେ । ସେମାନେ ସରକାର ଗଢ଼ିଲେ । କିନ୍ତୁ ସରକାର ଜନତାଙ୍କ ଉତରଦାୟିତ୍ୱରୁ ଦୂରେଇ ଗଲା । କାହିଁକି ଏଭଳି ହେଲା ? କିଏ ଏଥିପାଇଁ ଦାୟୀ ତାହା ଆମେ କେବେ ଅନୁଶୀଳନ କରିଛେ କି ?

ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱାଧୀନତା ପ୍ରସଙ୍ଗରେ ଅତ୍ୟନ୍ତ ଲଳିତ ମଧୁର କଣ୍ଠରେ କହିଲେ - ଓ ବାବାଃ, ସ୍ୱାଧୀନତାର ମର୍ମ କେତେ ଲୋକ ବୁଝନ୍ତି ? ତାହା ଯିଏ ବୁଝେ ଓ କରେ ସେ ସପରିବେଶ ଜୀବନର ମାଧୁର୍ଯ୍ୟ ଉପଲବ୍ଧି କରିପାରେ । ସ୍ୱ ମାନେ ସେହି ଏକ ଓ ଅଦ୍ୱିତୀୟ ପରମ ସତା ଯାହା ବହୁଧା ପ୍ରକଟ ହୋଇଅଛନ୍ତି ବିଶ୍ୱମୟ । ପରମସତା ଓ ତନ୍ନିଃସୃତ ଯାବତୀୟ ସତାର ଧାରଣ - ପୋଷଣରେ ଯେତେବେଳେ ଆମ୍ଭେମାନେ ରତ ରହୁ, ସେତେବେଳେ ହିଁ ଆମ୍ଭେମାନେ ସ୍ୱାଧୀନ । ସ୍ୱାଧୀନ ମାନେ - ନିଖିଳ-ପ୍ରିୟ ଯିଏ ତାଙ୍କ ଆଳୟରେ ପାରସ୍ପରିକ ପ୍ରୀତି ବିଧୃତ ଅବସ୍ଥାନ । ସେ ହିଁ ସ୍ୱାଧୀନ ଯିଏ ପ୍ରବୃତି, ରିପୁ ବା ଅନ୍ୟ କାହାର ଦାସ ନୁହେଁ, ଯିଏ ଈଶ୍ୱରଙ୍କର ପ୍ରୀତି ଦାୟରେ ସ୍ୱେଚ୍ଛାରେ ସମସ୍ତଙ୍କର ସେବା-ସମ୍ପୋଷଣାର ସକ୍ରିୟ ଦାୟ-ଦାୟିତ୍ୱରେ ନିଜକୁ ଆବଦ୍ଧ ରଖେ ।

ଏହି ସ୍ୱାଧୀନତାର ସ୍ୱାଦ ଯିଏ ପାଇଛି ସେ ଜଗତର ସମସ୍ତଙ୍କୁ ତାହା ନ ବାଂଟି ରହିପାରେନାହିଁ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଦୃଢ଼ ଚିତରେ ପ୍ରକାଶ କଲେ - ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଜାଗତିକ ସର୍ବବିଧ ମୁକ୍ତି ଓ ଐଶର୍ଯ୍ୟକୁ ବାଦ ଦେଇ ନୁହେଁ, ପୁଣି ଜାଗତିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟକୁ ବାଦ ଦେଇ ସ୍ଥାୟୀ, ସାର୍ଥକ ଓ କ୍ରମୋର୍ଦ୍ଧ୍ୱଗତିସମ୍ପନ୍ନ ହୁଏନାହିଁ । ପ୍ରବୃତିଲିପ୍ସାର ଚକ୍ରରେ ପଡ଼ି ଦିନକୁ ଦିନ ଅଧୋଗତିକୁ ଆମନ୍ତ୍ରଣ କରେ । ପୁନର୍ବାର ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ - ମାଆ-ବାପା, ଭାଇ-ଭଉଣୀ, ସ୍ତ୍ରୀ-ପୁତ୍ର, ଆତ୍ମୀୟ-ସ୍ୱଜନ, କୁଟୁମ୍ବ-ବନ୍ଧୁବାନ୍ଧବ, ପାରିପାର୍ଶ୍ୱିକ-ପରିସ୍ଥିତି, ଦେଶ-ବିଦେଶ ଇତ୍ୟାଦି ଭିତରେ ଯେତେବେଳେ ବାସ୍ତବ ଭାବରେ ଦେବା-ନେବା ଭିତର ଦେଇ ସକ୍ରିୟ ସହାନୁଭୂତି ଓ ସହଯୋଗିତାରେ ପାରସ୍ପରିକ ସଙ୍ଗଠନ ସୃଷ୍ଟି ହୁଏ, ମନୁଷ୍ୟ ଆଦର୍ଶ ପରିପୂରଣୀ, କର୍ମଠ ଓ ଅର୍ଜ୍ଜୀ ହୋଇଉଠେ, ପ୍ରତ୍ୟେକଙ୍କର ପୂରଣ, ପୋଷଣ, ରକ୍ଷଣ ଓ ଅଶିଷ୍ଟ ଦମନରେ - ସ୍ୱାଧୀନତା ସେତେବେଳେ ହିଁ ସତ୍ୟକାର ରୂପ ନିଏ - ଆଉ ତାହା ଉଚ୍ଛଳ ଉନ୍ନତିରେ ଆଗେଇ ଚାଲେ - ଏହାର ତାତ୍ପର୍ଯ୍ୟ ହିଁ ଏହିଠାରେ, ଆଉ ଭାରତରେ ଚନ୍ଦ୍ରଗୁପ୍ତ, ଧର୍ମାଶୋକ, ସମୁଦ୍ରଗୁପ୍ତ ଓ ବିକ୍ରମାଦିତ୍ୟ ଥିଲେ ଏହି ସ୍ୱାଧୀନତାର ବାସ୍ତବ ପରିଣୟନୀ ସିଦ୍ଧପୁରୁଷ । ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁନର୍ବାର ପ୍ରକାଶ କଲେ - ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶକୁ କେନ୍ଦ୍ର କରି ଦେଶର ଜନସାଧାରଣ ଯେତେବେଳେ ପରସ୍ପରର ସତା-ସ୍ୱାର୍ଥେ ସ୍ୱାର୍ଥନ୍ୱିତ ହୋଇ ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ ପରସ୍ପରକୁ ପରିପୂରଣ, ସେବା ଓ ସଂରକ୍ଷଣ କରିଚାଲନ୍ତି, ସେତେବେଳେ ହିଁ ଦେଶରେ ଆସେ ପ୍ରକୃତ ସ୍ୱାଧୀନତା । ପ୍ରତ୍ୟେକ ଯଦି ପ୍ରତ୍ୟେକଙ୍କର ପାଳକ ଓ ପୋଷକ ହୋଇଉଠନ୍ତି ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ, ଅସତ୍‌ନିରୋଧୀ ଶାସକ ପାରସ୍ପରିକ ଭାବରେ ହୋଇଉଠନ୍ତି, ସେତେବେଳେ ପ୍ରତ୍ୟେକଙ୍କର ସତା ବୃଦ୍ଧି ପଥରେ ଉଦାତ ହୋଇ ଆଗେଇ ଚାଲେ । ଏହି ପରିସ୍ଥିତିରେ ସ୍ୱାଧୀନତା ସ୍ୱତଃ ହୋଇଉଠେ । ଜନସାଧାରଣଙ୍କର ଏହି ଚରିତ୍ର ଓ ପ୍ରବଣତା ହିଁ ସ୍ୱାଧୀନତାର ସୁବର୍ଣ୍ଣ ସ୍ତମ୍ଭ । ଏହି ପ୍ରସଙ୍ଗରେ ନୋବେଲ ବିଜେତା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଗାଇ ଉଠିଲେ - କେବେ ପ୍ରାଣ ଖୋଲି କହି ମୁଁ ପାରିବି, ପାଇଛି ମୋର ଶେଷ । ତୁମ୍ଭେ ସଭିଏଁ ଆସ ମୋ ପଛେ, ଗୁରୁ ତୁମ ସଭିଙ୍କୁ ଡାକିଛେ, ମୋର ଜୀବନେ ଲଭଇ ଜୀବନ, ଜାଗରେ ସକଳ ଦେଶ ।

ପ୍ରତିରକ୍ଷିକ ଓ ଅବସରପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# କିପରି କରିବେ ଘର ?

## ଜମି, ଘର, ଫ୍ଲାଟ କିଣିବାରେ ଠକାମିରେ ନପଡ଼ିବା ପାଇଁ ସତର୍କତା


ଆଇନଜୀବୀ କବୀର କୁମାର ଜେନା

ଫ୍ଲାଟ ଭଲ ନା ଘର ଭଲ ନା ଜମି କିଣି ନେଇ ନିଜେ ଘର ତିଆରି କରିବା ଭଲ । ତାହା ଏବେ ସୁଦ୍ଧା ବି ବିତର୍କିତ ହୋଇ ରହିଛି । କାହାକୁ କ'ଣ ଭଲ ଲାଗେ ତାହା ଭିନ୍ନ କଥା । ତେବେ ଜଣେ ସାଧାରଣ ବ୍ୟକ୍ତି ଫ୍ଲାଟ କିଣୁ କି ଘର ବା ଜମି କିଣିବାବେଳେ ଯେମିତି ଠକି ନଯାଏ, ସେଥିପ୍ରତି ସତର୍କ ରହିବା ଦରକାର । ନ ହେଲେ ଘୋଡ଼ା ଛ'ଟଙ୍କାକୁ ଦାନା ନ'ଟଙ୍କା ଅବସ୍ଥା ହିଁ ସାର ହେବ ।

ଆଗେ ତ କଟକ, ଭୁବନେଶ୍ୱରର ଲୋକେ ବି ଜମି କିଣି ଘର ବନେଇବାକୁ ପସନ୍ଦ କରୁଥିଲେ । ଏବେ ବି କରୁଛନ୍ତି । ସେମାନଙ୍କ ଭିତରେ ଅନେକେ ଅଛନ୍ତି, ଯେଉଁମାନେ ଜମି କିଣି ଘର ତିଆରି କରିବା ଭଳି ଝିଞ୍ଜଟରେ ନ ପଶି ସିଧାସଳଖ ଫ୍ଲାଟ କିଣିବାକୁ ଚାହୁଁଛନ୍ତି । ତେବେ ଫ୍ଲାଟ କିଣନ୍ତୁ ବା ଜମି ଟିକେ ସାବଧାନ ରହିଲେ ଢ଼େର ସୁବିଧା ପାଇ ପାରିବେ । ଦିନ ସାରା ଖଟିଖଟି ସଞ୍ଜରେ ଘର ଛାତ ଉପରେ ବସି ଶାନ୍ତିରେ ନିଃଶ୍ୱାସ ମାରି ପାରିବେ ଆଉ କହି ପାରିବେ 'ଏଇଟା ମୋ ଘର' ।

ବିନା ଅନୁମତିରେ ଘର କରିବେନି ଦେବୋତର ଜମି : ଯେଉଁ ସମ୍ପତି ଦେବତାଙ୍କ ନାମରେ ଉତ୍ସର୍ଗୀକୃତ ହୋଇଛି, ତାହା ଦେବୋତତର ସମ୍ପତି । ଅଦାଲତର ବିନା ଅନୁମତିରେ ଏହି ଜମି କିଣାବିକା କରିବେନି ଓ ତା'ଉପରେ ଘର କରିବେ ନାହିଁ । ଏହାଛଡ଼ା ୱାକଫ ଜମି ଏବଂ ଠିକା ଜମିରେ ବି ଘର କରିବାକୁ ଚାହିଁଲେ ନିର୍ଦ୍ଦିଷ୍ଟ କର୍ତୃପକ୍ଷଙ୍କ ଅନୁମତି ନେବାକୁ ପଡ଼ିବ ।

ଏହି ବ୍ୟବସ୍ଥା ଅଛି ତ ? : ସୁଇମିଂ ପୁଲ, ଇଣ୍ଡୋର ଗେମ୍ସ ରୁମ, ଏସି କମ୍ୟୁନିଟି ହଲ, ଜିମ, ଲାଇବ୍ରେରୀ, ଲଣ୍ଡସ୍କେପ ଗାର୍ଡ଼େନ, ଶିଶୁ ଉଦ୍ୟାନ, ଇ[ରକମ ସିଷ୍ଟମ, ଏବଂ ସୁରକ୍ଷା ବ୍ୟବସ୍ଥା, ଜେନେରେଟର ବ୍ୟବସ୍ଥା, ବୋଟିଂ ବ୍ୟବସ୍ଥା, ଜଗର୍ସ ପାର୍କ, ସରଭେଣ୍ଟ କ୍ୱାର୍ଟର୍ସ, ଛାତ ବଗିଚା, ଡିପାର୍ଟମେଂଟାଲ ଷ୍ଟୋର, ହୋମ ଥିଏଟର, ଶପିଂ କମ୍ପ୍ଲେକ୍ସ ଓ ହସପିଟାଲ । ଏହାଛଡ଼ା ବସ ସର୍ଭିସ, ମ[ସେରି, କ୍ରେଜ, ସାଇବର କାଫେ, କଫି ଶପ ଓ ବିଦେଶୀ ଭାଷା, ଗୀତ, ଯୋଗ ବ୍ୟାୟାମ ଶିକ୍ଷାକେନ୍ଦ୍ର ରହିଛି କି ନା, ତାହା ମଧ୍ୟ ଦେଖିନେବା ଦରକାର ।

ପ୍ରମୋଟରଙ୍କ ବିଶ୍ୱାସନୀୟତା ପରଖନ୍ତୁ : ଫ୍ଲାଟ କିମ୍ବା ଘର କିଣିବା ସମୟରେ ତାହା ନିଡ ବେସଡ଼ ପରଚେଜ ହେବା ଦରକାର । ଅର୍ଥାତ୍ କେତେ ଜାଗା ଆପଣଙ୍କର ଆବଶ୍ୟକ ଆଉ ସେଥିପାଇଁ ଆପଣ କେତେ ଟଙ୍କା ଦେଇ ପାରିବେ, ସେଥିପ୍ରତି ଦୃଷ୍ଟି ଦେବା ଜରୁରୀ । ଘରର ପ୍ଲାନ ବି ଭଲ ଭାବେ ଦେଖିବା ଦରକାର । ଅର୍ଥାତ୍ ଘର ଗୁଡ଼ିକ ଆକାରରେ କେତେ ବଡ଼, 'ୱେଷ୍ଟେଜ ଅଫ ସ୍ପେସ' ରହୁଛି କି ନା, ବିଲ୍ଟଅପ୍ ଏରିଆ ନା ସୁପର ବିଲ୍ଟଅପ ଏରିଆ, ଘରେ କ୍ରସ ଭେ[ଲେସନ ବ୍ୟବସ୍ଥା ଅଛି କି ନା, ସେ ଦିଗକୁ ନଜର ଏଡ଼େଇଲେ ହରାଇଣ ହେବାକୁ ପଡ଼ିବ । ଜମିର ଟାଇଟଲ ବି ଦେଖିବା ଦରକାର । ଅର୍ଥାତ୍ ଜମିଟା କାହାର, ଘର ପାଇଁ ମଞ୍ଜୁରୀ ମମିଳିଛି କି ନା ବୁଝିବା ଦରକାର । ସବୁଠୁ ବଡ଼କଥା, ସାଧାରଣ ମଣିଷ ଯେଉଁ ପ୍ରୋମୋଟରଙ୍କ ପାଖକୁ ଯିବ, ତା'ର ରିଲାୟବିଲିଟି କେତେ, ତାହା ଦେଖିବା ଖୁବ ଜରୁରୀ । ପ୍ରୋମୋଟର ଧନୀ ହେଲେ ଭଲ : ଘର ବା ଫ୍ଲାଟ, କିଣିବା ବେଳେ କ୍ରେତା କେବେ ବି ପ୍ରାୟ ଠକେନାହିଁ । ଅର୍ଥାତ୍ ପ୍ରୋମୋଟର ବ୍ୟକ୍ତିଟି ଭୁଲ, ସଂସ୍ଥା ଭୁଲ କିମ୍ବା ଯେଉଁ ଫ୍ଲାଟ ବା ଆପାର୍ଟମେଂଟ ନିର୍ମାଣ ହେଉଛି, ତାର କୌଣସି ଅସ୍ତିତ୍ୱ ନାହିଁ, ଏମିତି କେବେ ହୁଏନା । କ୍ରେତା ବା କିଣିବା ଲୋକର ଠକିବାର ସମ୍ଭାବନା ଥାଏ ଟାଇମ ଡେଲିଭରି, କ୍ୱାଲିଟି ଅଥବା କଷ୍ଟ । ଅର୍ଥାତ୍ ଯେଉଁ ଟାଇମ ଫ୍ରେମ ମଧ୍ୟରେ ପ୍ରଜେକ୍ଟଟି ଶେଷ ହେବାର ଥିଲା ପରେ ଦେଖାଗଲା ଯେ ତାହା ହେଲା ନାହିଁ । ଦୁଇ ବର୍ଷ ସ୍ଥାନରେ ତିନିବର୍ଷ ସମୟ ଲାଗିଲା । ଫଳରେ ଜିନିଷପତ୍ରର ଦାମ ବଢ଼ୁଥିବାରୁ ଫ୍ଲାଟ ପାଇଁ ଯେତିକି ଅର୍ଥ ଥିଲା, ଅଧିକ ଅର୍ଥ ଖର୍ଚ୍ଚ ହେଉଛି । ଏହାଛଡ଼ା ଅନେକ ସମୟରେ ଦେଖାଯାଏ, ଯେଉଁ ଜିନିଷଗୁଡ଼ିକ ଘରେ ଲାଗିଛି, ତାର ଗୁଣଗତ ମାନ ଠିକ ନାହିଁ । କବାଟ, ଝରକା, ବେସିନ, କଳ, ଟାଇଲସ, ସୁଲଚବୋର୍ନ ଖୁବ ଶସ୍ତା । ତେଣୁ ବିଶ୍ୱାସଯୋଗ୍ୟ ଓ ଧନୀ ପ୍ରୋମୋଟର ହେଲେ ଭଲ । କାରଣ ପ୍ରୋମୋଟର ଧନୀ ହୋଇ ନଥିଲେ ଟଙ୍କା ଅଭାବରୁ ଘର ନିର୍ମାଣ କାମ ଅଧାରୁ ଅଟକିଯାଏ । ଫଳରେ ତିଆରି ଖର୍ଚ୍ଚ ବଢ଼ିଯାଏ ଓ ଫ୍ଲାଟ ଡେଲିଭରିରେ ବିଳମ୍ବ ହୁଏ ।

ସରକାରୀ ସଂସ୍ଥାର ଦାୟିତ୍ୱ : ଯେଉଁ ଜାଗା 'ରେସିଡେନସିଆଲ ଜୋନ'ରେ ଥିବ, ସେଭଳି ଜାଗା କିଣିବା ଉଚିତ । 'ନନ ରେସିଡେନସିଆଲ ଜୋନ'ରେ ଥିବା ଜାଗା କିଣିଲେ ସଂଶ୍ଳିଷ୍ଟ ସରକାରୀ ସଂସ୍ଥା କୌଣସି ପ୍ରକାର ଦାୟୀ ରହିବ ନାହିଁ । ଯଦି ଆପଣ ଭୁବନେଶ୍ୱରରେ ଘର କିଣିବାକୁ କି ତିଆରି କରିବାକୁ ଚାହାଁନ୍ତି, ବିଡ଼ିଏ ଆପଣଙ୍କୁ ଦୁଇ ମାସ ଭିତରେ ଅକ୍ୟୁପେନସି ସାର୍ଟିଫିକେଟ ଦେବ । ତେବେ ଏ ବାବଦରେ ଅଧିକ ଜାଣିବାକୁ ଚାହିଁଲେ ୧୦୦ ଟଙ୍କା ଦେଲେ ବିଡ଼ିଏରୁ ରଙ୍ଗୀନ ପ୍ଲାନିଂ ଆଣ୍ଡ ବିଲଡିଂ ଷ୍ଟାଣ୍ଡାର୍ଡ଼ ରେଜିଷ୍ଟ୍ରେସନ ପୁସ୍ତକ ମିଳି ପାରିବ । ଏଠାରେ ସୂଚନା ଦିଆଯାଇପାରେ ଯେ ଭୁବନେଶ୍ୱରର ଧଉଳି ଅଂ*ଳରେ ଥିବା ୫୧ଟି ଗାଁକୁ ନନ ରେସିଡେନସିଆଲ ଜୋନ ଭାବରେ ବିଡ଼ିଏ ଘୋଷଣା କରିଛି ।

ଜମିର ଅସଲି ଦଲିଲ ଦେଖିନେବା ଦରକାର :

ଜମି କିଣିବା ପୂର୍ବରୁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବେ ? : ବିକ୍ରି କରିବା ପାଇଁ ଇଚ୍ଛୁକ ବ୍ୟକ୍ତିର ସେହି ଜମି ବିକ୍ରି କରିବାର ଆଇନଗତ ଅଧିକାର ଅଛି କି ନା, ତାହା ପ୍ରଥମେ ଦେଖିନେବା ଦରକାର । ଏଥିପାଇଁ ପ୍ରୟୋଜନ ବିକ୍ରେତାର ଦଖଲରେ ଥିବା ଦଲିଲର ପୁଙ୍ଖାନୁପୁଙ୍ଖ ବିଚାର । ଏହାଛଡ଼ା ଏହି ଜମିକୁ ନେଇ ସ୍ଥାନୀୟ ଅଦାଲତରେ କୌଣସି ମକଦ୍ଦମା ଅଛି କି ନା, କମିଟି ବନ୍ଧକ ପଡ଼ିଛି କି ନା ସବୁକିଛି ଦେଖିବା ଜରୁରୀ । ନକଲ ନୁହେଁ, ସବୁବେଳେ ଅସଲି ଦଲିଲ ଦେଖିନେବା ବାଞ୍ଛନୀୟ ।

ଫ୍ଲାଟ କିଣିବା ପୂର୍ବରୁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବେ ? : ଫ୍ଲାଟ ନିର୍ମାଣର ବୈଧ ଅର୍ଥାତ୍ ଅନୁମୋଦିତ ନକସା, ସାଇଡ଼ପ୍ଲାନ, ପ୍ରୋମୋଟର ଓ ମାଲିକ ମଧ୍ୟରେ କୌଣସି ଚୁକ୍ତିପତ୍ର ଲେଖା ଯାଇଥିଲେ, ସେହି ଚୁକ୍ତିନାମା, ସର୍ଚ୍ଚିଂ ଯୋଗ୍ୟତା ଅଛି କି ନା, ତାହା ଦେଖିବାକୁ ପଡ଼ିବ ।

ଜମିର 'ଆପ୍ରୋଚୱେ' କେମିତି ଦେଖିବେ ? : ଦେଖିବାକୁ ପଡ଼ିବ ଯେ ଦଲିଲରେ ପ୍ରବେଶପଥ କଥା ଉଲ୍ଲେଖ ଅଛି କି ନା । ଏମିତି ଉଲ୍ଲେଖ ନଥିଲେ ଦେଖିବାକୁ ପଡ଼ିବ ଯେ ପ୍ରବେଶ ପଥ ବ୍ୟବହାର କରିବାରେ କୌଣସି ଆଇନଗତ ସମସ୍ୟା ଅଛି କି ନା । ରିପୋର୍ଟ, ମ୍ୟୁଟେଶନ ସାର୍ଟିଫିକେଟ ଏବଂ ଜମିର ମାଲିକ ପାଖକୁ ପାଇଥିବା 'ପାୱାର ଅଫ ଆଟର୍ଣ୍ଣି' ଇତ୍ୟାଦି ।

ଜମିର ମାଲିକାନା ଦଲିଲରେ କ'ଣ ଲକ୍ଷ୍ୟ କରିବେ ? : ବିକ୍ରେତାର ମାଲିକାନା ଅଧିକାର, ମାଲିକାନା ଏକକ ନା ଯୌଥ, ବିକ୍ରେତା ମାଲିକର ଉତରାଧିକାରୀ ବୋଲି ଦାବି କରନ୍ତି କି ? ଯଦି କରନ୍ତି, କେମିତି ଉ□ରାଧିକାରୀ ହେଲେ, ବିକ୍ରି କରିବାକୁ ଚାହୁଁଥିବା ସମ୍ପତିର ବିବରଣୀ, ସମ୍ପତି ବନ୍ଧକ ପଡ଼ିଛି କି ନା, ତା'ର କୌଣସି ଲକ୍ଷଣ ଦଲିଲରେ ଲକ୍ଷ୍ୟ କରୁଛନ୍ତି କି, ଜମି ବା ତା'ଉପରେ ଘର ବିକ୍ରେତା ଦେଇଥିବା ତଥ୍ୟ ସହ ମିଳୁଛି କି ନା, ଆଇନ ଅନୁସାରେ କମି ପ୍ରସ୍ତୁତ କି ନା ଏବଂ ଜମିର ପଦଚା, କରର ରସିଦ, ମ୍ୟୁଟେଶନ ସାର୍ଟିଫିକେଟ ଭଲ ଭାବେ ନିରୀକ୍ଷଣ କରିବା ଦରକାର । ଯୌଥ ମାଲିକାନାର ସମ୍ପତି ହେଲେ କିଭଳି ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ ? : ଯୌଥ ମାଲିକାନାର ଅଂଶୀଦାର ଏବଂ ଉତରାଧୀକାରୀଙ୍କ କ୍ଷେତ୍ରରେ ସବୁ ଉତରାଧିକାରୀ ସମ୍ପତି ବିକ୍ରି କରିବାକୁ ଇଚ୍ଛୁକ କି ନା ଏବଂ ସେମାନଙ୍କର ଆଇନଗତ ।

ଏହାଛଡ଼ା ରହିଛି ଅନେକ କଥା । ଜମି କିଣି ଯଦି ଘର କରୁଛନ୍ତି, ତେବେ ଜଳ ସରବରାହ ଓ ବିଦ୍ୟୁତ ସଂଯୋଗ ମୁଖ୍ୟ କଥା । ସହଜରେ ଓ ସୁବିଧାରେ କେମିତି ଜଳ ଓ ବିଦ୍ୟୁତ ସଂଯୋଗ କରି ପାରିବେ, ସେ ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କ ସହ କଥାବାର୍ତା କଲେ ସବୁକିଛି ଜାଣି ପାରିବେ । ଫଳରେ ଆପଣଙ୍କର କୌଣସି ଅସୁବିଧା ହେବନାହିଁ । ତେବେ ଆଉ ଡେରି କାହିଁକି ? ଆଜିଠାରୁ ହିଁ ଫ୍ଲାଟଟେ କି ଜମିଟେ କିଣିବା ପାଇଁ ଚେଷ୍ଟା କରନ୍ତୁ ଓ ନିଜର କହିପାରିବା ଭଳି ଘରଟେ ତିଆରି କରନ୍ତୁ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ,*
*ଦୂରଭାଷ : ୮୯୧୭୩୭୭୯୮୭*

# ଶିକ୍ଷାବିତ୍‌ଙ୍କ ୮୬ତମ ଜନ୍ମ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର,(ପି.ଏନ): ସ୍ୱର୍ଗତ ଉମାକାନ୍ତମହାପାତ୍ରଙ୍କ ୬୮ତମ ଜନ୍ମ ଜୟ'ୀ ଉତ୍ସବ ଡ. ସୁଧୀର କୁମାର ସାମଲଙ୍କର ସଭାପତିତ୍ୱରେ ଡିୟୁ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀ ଅମର କୁମାର ନାୟକ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ । 'ବାପା' ଶବ୍ଦ ଏକ ବିରାଟ ଏହାକୁ ପ୍ରତିପାଦନ କରିବା ଓ ନିଜର ଭବିଷ୍ୟତ ବଂଶଧରକୁ ଉପଯୁକ୍ତ ମାର୍ଗଦର୍ଶନ ଦେବା ସହ ଭଲ ମଣିଷ ଗଠନ ଏକ ଦାୟିତ୍ୱବୋଧ ଦାୟାଦ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଅମର କୁମାର ନାୟକ କହିଥିଲେ । ମୁଖ୍ୟବକ୍ତା ଡ. ମିଶ୍ର ନିଜ ମନ୍ତବ୍ୟରେ ଆଜିକାଲି ପରିସ୍ଥିତିରେ ଏକ ଦାୟିତ୍ୱବାନ୍ ମଣିଷ ହୋଇ ପରିଗଣିତ ହେବା ଏକ କଷ୍ଟକର ବ୍ୟାପାର ଓ ଏହାର ଦାୟିତ୍ୱ ସମସ୍ତ ସୁସ୍ଥ ସମାଜ ନେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ଉମାକାନ୍ତ ମହାପାତ୍ର ସ୍ମୃତି ସଂସଦର ବରିଷ୍ଠ ସଭ୍ୟ ଡ. ତୁହିନାଂଶୁ ରଥ ଅତିଥି ପରିଚୟ କରିଥିଲେ ଓ ସଂପାଦକ ଡ. ପ୍ରିୟନାଥ



ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସ୍ମୃତି ସଂସଦର ସହସଂପାଦକ ଡ. ବିଶ୍ୱଜିତ୍ ମହାପାତ୍ର ସ୍ୱାଗତ ଭାଷଣରେ ବଡଚଣାର ମଣିଷ ତିଆରି କାରଖାନା ଡିୟୁ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ଉମାକାନ୍ତ ମହାପାତ୍ରଙ୍କର ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନୀୟ ଅତିଥି ରୂପେ ଇଂ ଧନେଶ୍ୱର ମହାପାତ୍ର, ଚେୟାରମ୍ୟାନ୍ ମହାବିନାୟକ ଏଜୁକେସନାଲ୍ ଟ୍ରଷ୍ଟ ଓ ୱେଲଫେୟାର ଟ୍ରଷ୍ଟ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧାପକ ଡ. କଳିଙ୍ଗ କେଶରୀ ମହାନ୍ତି ବାପା ଓ ମାଆର ଉପ୍ତି ଏବଂ ତାଙ୍କର ଅବଦାନ ବିଷୟରେ ସମସ୍ତ ଉପସ୍ଥିତ ଦର୍ଶକଙ୍କୁ ବୁଝାଇଥିଲେ । ଏହି ଅବସରରରେ ସ୍ମୃତି ସଂସଦର ମୁଖପତ୍ର 'ଅନ୍ୱେଷଣ ପଥେ ଉମାୟନ' ପୁସ୍ତକ ଡ. ବିଧୁଭୂଷଣ ପଣ୍ଡାଙ୍କ ସମ୍ପାଦକୀୟରେ ସମସ୍ତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ବିଦ୍ୟାଳୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ର/ଛତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହାର ପରିଚାଳନାରେ ସଂସଦର ବରିଷ୍ଠ ସଭ୍ୟ ଶ୍ରୀ ପ୍ରସନ୍ନ କୁମାର ବିଶ୍ୱାଳ ସାହାଯ୍ୟ କରିଥିଲେ । ଡିୟୁ ପବ୍ଲିକ ସ୍କୁଲର ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା 'ବାପା' ନାଟକ ପରିବେଷଣ ସହ ଓଡିଶୀ ନୃତ୍ୟ ସମସ୍ତ ଦର୍ଶକଙ୍କର ମନମୁଗ୍ଧ କରିଥିଲା । ୮୬ ତମ ଜନ୍ମ ଜୟନ୍ତୀରେ ଉମାକାନ୍ତ ମହାପାତ୍ର ସ୍ମୃତି ସମ୍ମାନ-୨୦୨୫ ଶିକ୍ଷାବିତ୍ ଶ୍ରୀଯୁକ୍ତ ଶୁକଦେବ ପତି ଓ ସେବା ସମ୍ମାନ -୨୦୨୫ ଡ. କୃଷ୍ଣଚନ୍ଦ୍ର ରାୟଙ୍କୁ ପ୍ରଦାନ କରାଯାଇଥିଲା । ସଭାଶେଷରେ ବରିଷ୍ଠ ସଭ୍ୟ ଶ୍ରୀ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଦର୍ଶକ ଓ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ ।

# ପାରାଦୀପ ମହାବିଦ୍ୟାଳୟ ର ୫୧ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟ ର ୫୧ତମ ପ୍ରତିଷ୍ଠା ଦିବସ ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଦିନ ମହାବିଦ୍ୟାଳୟ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି କ୍ଷ ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ତଥା ମହାବିଦ୍ୟାଳୟ ଆଲୁମୁନି ଆସୋସିଏସନ ର ସଭାପତି ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରାଦୀପ ମହାବିଦ୍ୟାଳୟ ଶୃଙ୍ଖଳାର ସହ ଶୈକ୍ଷିକ ପରିବେଶ ସୃଷ୍ଟି କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଛାତ୍ରଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ କରି ସଫଳ ହେବା ପାଇଁ ଓ ସହରକୁ ସ୍ୱଚ୍ଛ ରଖିବା ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ପାରାଦୀପ ମହାବିଦ୍ୟାଳୟ ର ପରିଚାଳନା ସମିତି ର ଅଧ୍ୟକ୍ଷ ନିରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଭଲ ଓ ବଡ଼ ମଣିଷ ହେବା ପାଇଁ ନିଜ ବକ୍ତବ୍ୟରେ ଉପଦେଶ ଦେଇଥିଲେ ।




ସେହିପରି ସମାଜସେବୀ, ଆଇକ୍ୟୁଏସି ସଦସ୍ୟା ତଥା ପାରାଦୀପ ମହାବିଦ୍ୟାଳୟ ପରିଚାଳନା ସମିତି ର ପ୍ରାକ୍ତନ ସଦସ୍ୟା ପ୍ରୀତି ଆରତୀ ପରିଜା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କର ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ କ୍ଷ ଏଥିରେ ପାରାଦୀପ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥି ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଂରାଜୀ ବିଭାଗ ଅଧ୍ୟାପକ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଯୋଜିକା ତଥା ମହାବିଦ୍ୟାଳୟ ରସାୟନ ବିଭାଗ ପ୍ରାଧ୍ୟାପିକା ଡ଼ଃ. ସ୍ମିତା ବିଶ୍ୱାଳ ତାଙ୍କର ରଖିଥିଲେ କ୍ଷ ଏହି ଅବସରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ସମ୍ମାନିତ କରିବା ସହ ଆଗାମୀ ବର୍ଷରେ ଅବସର ନେବାକୁ ଥିବା ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଅଧ୍ୟାପକ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ରୟାଲ ଷ୍ଟାଗ ବୁମ୍ ବକ୍ସ ପକ୍ଷରୁ ଆଧୁନିକ ମେଲୋଡି ଏବଂ ହିପ୍‌ହପ୍ ଗୀତ 'ମେବି'

କଟକ,(ପି.ଏନ) : ୟୁନିଭର୍ସାଲ ମ୍ୟୁଜିକ ଗ୍ରୁପ ସହିତ ମିଳିତ ଭାବରେ ବ୍ରାଣ୍ଡର ପ୍ରମୁଖ ସଙ୍ଗୀତ ଆଇପି, 'ରୟାଲ ଷ୍ଟାଗ ବୁମ୍ ବକ୍ସ ଅରିଜିନାଲ୍ସ' ଅଧିନରେ ଏକ ନୂତନ ଲାଇନ ଅପ ସହିତ ଫେରିଛି । 'ପେହଲେ ଜୈସୀ ବାତ ନହିଁ, ହୁଡ଼ି, ମୋହବତ ଏବଂ ଇମତିହାନ' ଭଳି ଟ୍ରାକ ସହିତ ସଫଳ ପ୍ରଦର୍ଶନ ପରେ, ଉକ୍ତ ପ୍ଲାଟଫର୍ମ ବର୍ତ୍ତମାନ ଏହି ସିଜିନର ତୃତୀୟ ଅରିଜିନାଲ, ମେବି ର ଶୁଭାରମ୍ଭ ହୋଇଛି । ଯେଉଁଥିରେ ଅରମାନ ମଲିକ ଏବଂ ଇକ୍କାଙ୍କ ସହିତ ଏକ ଆକର୍ଷଣୀୟ ସଂଗୀତ ହୋଇପାରିଛି । ଗତ ତିନି ବର୍ଷ ମଧ୍ୟରେ ଅନେକ ଦର୍ଶକଙ୍କୁ ଆକର୍ଷିତ କରିବା ପରେ, ରୟାଲ ଷ୍ଟାଗ ବୁମବକ୍ସ ଏହାର ଦ୍ୱିତୀୟ ସିଜନ ବୁମ ବକ୍ସ ସହିତ ଫେର ଆସିଛି ଏବଂ ସାଉଣ୍ଡଟ୍ରାକ ଯାହା ବ୍ରାଣ୍ଡର ଲିଭିଂ ଇଟ ଲାର୍ଜ ଭାବନାକୁ ପାଳନ କରେ । ଉକ୍ତ ସଂଗୀତ ସମ୍ପର୍କରେ ଗାୟକ ଅରମାନ ମଲିକ କହିଛନ୍ତି ଯେ, 'ମେବି ଏକ ଗୀତ ଯାହା ପ୍ରକୃତରେ ହୃଦୟରୁ ଆସେ - ଏହା ସଙ୍କୋଚ, ଆବେଗିକ ଏବଂ ପ୍ରେମରେ ଅନିଶ୍ଚିତତାର ସେହି ଭାବନାକୁ ସୂଚିତ କରେ ।' ରାପର ଇକ୍କା ଏହି ସହଯୋଗ ବିଷୟରେ ନିଜର ମତାମତ ପ୍ରଦାନ କରି କହିଛନ୍ତି ଯେ, ' ମେବି କେବଳ ଏକ ପ୍ରେମ ଗୀତ ନୁହେଁ - ଏହା ଏକ ପରିବେଶ, ଆମେ ସମସ୍ତେ କିପରି ଭଲ ସମୟକୁ ଆଉ ଟିକିଏ ଅଧିକ ସମୟ ଧରି ରଖିବାକୁ ଚାହୁଁଛୁ ତାହାର ଏକ ପ୍ରତିଫଳନ । ରୟାଲ ଷ୍ଟାଗ ବୁମ ବକ୍ସ ଏକ ସ୍ଥାନ ସୃଷ୍ଟି କରିଛି ଯେଉଁଠାରେ କଳାକାରମାନେ ପ୍ରକୃତରେ ପରୀକ୍ଷଣ କରିପାରିବେ ଏବଂ ନିଜକୁ ପ୍ରକାଶ କରିପାରିବେ ।' ପର୍ନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ଏବଂ ଗ୍ଲୋବାଲ ବିଜନେସ ଡେଭଲପମେଂଟ ହେଡ, କାର୍ତିକ ମୋହିନ୍ଦ୍ର କହିଛନ୍ତି ଯେ, ' ରୟାଲ ଷ୍ଟାଗକୁ ବୁମ ବକ୍ସ ଅରିଜିନାଲ୍ସ ସହିତ ଆମେ ରୋମାଂଚକର ନୂତନ ସଂଗୀତ ସହିତ ଅଭିଜ୍ଞତାକୁ ଉନ୍ନତ କରିବାକୁ ପ୍ରସ୍ତୁତ । ହିପ-ହପର ସ୍ପନ୍ଦନଶୀଳ ବିଟ ସହିତ ବଲିଉଡର ସ୍ୱରକୁ ମିଶ୍ରଣ କରି, ଲିଭିଂ ଇଟ ଲାର୍ଜର ବ୍ରାଣ୍ଡ ଦର୍ଶନକୁ ପ୍ରକୃତରେ ଉପସ୍ଥାପିତ କରିଥାଏ ।' ଏ ସଂପର୍କରେ ମତ ଦେଇ ପ୍ରୀତି ନାୟାର, ଏସଭିପି ଏବଂ ବିଜେନସ ହେଡ - ଭାରତ ଏବଂ ଦକ୍ଷିଣ ଏସିଆ, ୟୁଏମଜି ଫର ବ୍ରାଣ୍ଡସ କହିଛନ୍ତି ଯେ, 'ରୟାଲ ଷ୍ଟାଗ ବୁମବକ୍ସ ହେଉଛି ସାହାସିକ ଅଭିବ୍ୟକ୍ତ ଏବଂ ପରିଚିତ ସୋନିକରୁ ନୂତନ ଆବିଷ୍କାର କରିବା ପାଇଁ ଏକ ଅଭିନବ ସୃଜନଶୀଳତାକୁ ଦର୍ଶାଇଥାଏ । ' ନିଖିତା ଗାନ୍ଧୀ ଏବଂ ଡିନୋ ଜେମ୍ସଙ୍କ ଦ୍ୱାରା ଲିଖିତ ସାଇ ଏବଂ ନୀତି ମୋହନ, ପାନ୍ଥର ଏବଂ ରାଭାଟୋରଙ୍କ ଦ୍ୱାରା ଲିଖିତ ସଜନା ମେରାର ସଫଳତା ପରେ , ସିଜିନର ତୃତୀୟ ଏବଂ ଶେଷ ଟ୍ରାକ - ମେବି, ଏବେ ୟୁଟ୍ୟୁବ, ସୋସିଆଲ ମିଡିଆ ଏବଂ ସମସ୍ତ ପ୍ରମୁଖ ଅଡିଓ ପ୍ଲାଟ ଫର୍ମରେ ଲାଇଭ ହେଉଛି ।

# ମାଦ୍ରାସା ବୋର୍ଡରେ ଯୋଗ ଦେଲେ ସେକ ଅନୁରୁଲ ହଗ

ଭୁବନେଶ୍ୱର ,(ପି.ଏନ): ସ୍ପେଶାଲ ଇନିସ୍ପେକଟିଂ ଅଫିସର ଭାବେ ସେକ ଅନୁରୁଲ ହଗ ମାଦ୍ରାସା ବୋର୍ଡରେ ଯୋଗ ଦେଇଛନ୍ତି ।ବୋର୍ଡର ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଦାୟିତ୍ୱ ଗ୍ରହଣ କରିବାପରେ ବୋର୍ଡର ସମସ୍ତ କାର୍ଯ୍ୟ ସୁଚାରୁ ତୁଲାଇବେ ବୋଲି ସେ କହିଥିଲେ ।

# ପାଲେଷ୍ଟାଇନର ସ୍ୱାଧୀନତା ପାଇଁ ଗାଜାରେ ନରସଂହାର ବନ୍ଦ କରିବାକୁ ମାଲେସିଆରେ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରଫୁଲ୍ଲ ସାମନ୍ତରାଙ୍କ ଆହ୍ୱାନ

ଭୁବନେଶ୍ୱର,(ପି.ଏନ): ମାଲେସିଆର ରାଜଧାନୀ କୁଆଲାଲାମପୁର ନିକଟସ୍ଥ ସେଲେଙ୍ଗର ଠାରେ ଗତ ଅଗଷ୍ଟ ୭ରୁ ୯ ଅଗଷ୍ଟ ପର୍ଯ୍ୟନ୍ତ ୧୬ଟି ଦେଶର ମାନବିକ ଅଧିକାର, ପାଲେଷ୍ଟାଇନର ସ୍ୱାଧୀନତା ପାଇଁ ସହଯୋଗ କରୁଥିବା ଜନ ସଂଗଠନମାନଙ୍କ ପ୍ରତିନିଧିମାନଙ୍କ ସମ୍ମିଳନୀ ମାଲେସିଆର ନାଗରିକ ସଂଗଠନର ଅଧ୍ୟକ୍ଷ ମହମ୍ମଦ ଆଜମି ଅବଦୁଲ ହମିଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଭାରତ, ମାଲେସିଆ, ଇରାନ, ଜୋର୍ଡାନ, ମରିସସ, ଇଣ୍ଡୋନେସିଆ, ସ୍ୱ ?ନ, ବାଙ୍ଗଲାଦେଶ, ଟ୍ୟୁନିସିଆ ସମେତ ୧୬ଟି ଦେଶରୁ ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି । ପାଲେଷ୍ଟାଇନର ସଂଗ୍ରାମରତ ପ୍ରତିନିଧିଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା ଯେ, ଗାଜାରେ ବୋମା ପକାଇ ଗଣହତ୍ୟା କରୁଛି ଇସ୍ରାଏଲ । ଏହା ସହ ରିଲିଫ ସାମଗ୍ରୀ ପରିବହନ ନିଷେଧ କରି ଶିଶୁ - ବୃଦ୍ଧଙ୍କୁ ଭୋକିଲାରେ ମାରୁଛି । ଅତି ବର୍ବରତାର ସହ ମାନବତା ଉପରେ ଆକ୍ରମଣ ହେଲା ବେଳେ ପୃଥିବୀର ବହୁ ବିକଶିତ ଓ ବିକାଶଶୀଳ ଦେଶର ସରକାରମାନେ ନିରବ ।

# ଇଫକୋ ପାରାଦୀପ ୟୁନିଟ କୁ 'ଶ୍ରେଷ୍ଠ ମଦର ପ୍ଲାଣ୍ଟ ୨୦୨୫' ପୁରସ୍କାର

ପାରାଦୀପ,(ପି.ଏନ): ଭାରତୀୟ କୃଷକ ସାର ସମବାୟ ସଂଗଠନ (ଇଫକୋ) ପାରାଦୀପ ୟୁନିଟ କୁ ଓଡିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଓଏସଏମଇ) ଦ୍ୱାରା 'ଶ୍ରେଷ୍ଠ ମଦର ପ୍ଲାଣ୍ଟ ୨୦୨୫' ପୁରସ୍କାରରେ ସମ୍ମାନିତ କରାଯାଇଛି କ୍ଷ ଅଗଷ୍ଟ ୧୨ ରେ ଓଏସଏମଇ ର ୪୦ ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ସମ୍ମିଳନୀ ୨୦୨୫ ପାଳନ ଅବସରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି



ପୁରସ୍କାର ପ୍ରଦାନ କରିଥିଲେ କ୍ଷ ଏହି ଅବସରରେ ଓଡିଶା ସରକାରଙ୍କ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଶିଳ୍ପ ବିଭାଗ ଅତିରିକ୍ତ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ କ୍ଷ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ. ମହାପାତ୍ର ଏହି ସମ୍ମାନ ପାଇଁ ଓଏସଏମଇ ଏବଂ ଓଡିଶା ସରକାରଙ୍କୁ କୃତଜ୍ଞତା ଜଣାଇବା ସହିତ ଏହି ପୁରସ୍କାର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିପ୍ରତି ଇଫକୋ ର ପ୍ରତିବଦ୍ଧତା ଏବଂ ରାଜ୍ୟର ଶିଳ୍ପ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ଏମଏସଏମଇ ଗୁଡିକୁ ସୁଦୃଢ଼ କରିବା ପାଇଁ ଆମର ନିରନ୍ତର ପ୍ରୟାସ ର ଏହା ଏକ ନିଦର୍ଶନ ବୋଲି କହିଛନ୍ତି ।

# ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ଓ ଓପୋ କେ୧୩ ଟର୍ବୋ ୫ଜିର ଶୁଭାରମ୍ଭ

କଟକ,(ପି.ଏନ): ଓପୋ ଇଣ୍ଡିଆ ପକ୍ଷରୁ ଓପୋ କେ୧୩ ଟର୍ବୋ ସିରିଜ ୫ଜିର ଉନ୍ମୋଚନ କରାଯାଇଛି ଯେଉଁଥିରେ ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ଓ ଓପୋ କେ୧୩ ଟର୍ବୋ ୫ଜି ଅ'ର୍ଭୁକ୍ତ ରହିଛି । ଏହା ଏକ ବିଲ୍ଟ-ଇନ କୁଲିଂ ଫ୍ୟାନ ଥିବା ଭାରତର ପ୍ରଥମ ସ୍ମାର୍ଟଫୋନ ଯାହା ସ୍ମାର୍ଟଫୋନ ଥର୍ମାଲ ମ୍ୟାନେଜମେଂଟ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି । କାର୍ଯ୍ୟଦକ୍ଷତା ସନ୍ଧାନକାରୀ ଓ ମଲ୍ଟି ଟାସ୍କରଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି ସିରିଜ ଗେମିଂ, ହେଭି ମଲ୍ଟିଟାସ୍କିଙ୍ଗ ଓ ବର୍ଦ୍ଧିତ ବାହ୍ୟ ବ୍ୟବହାର ପାଇଁ ଉଦ୍ଦେଶ୍ୟ-ନିର୍ମିତ ଅଟେ । ଏକ ଆଡଭାନ୍ସଡ ଆକ୍ଟିଭ ଓ ପାସିଭ ଥର୍ମାଲ ଡିଜାଇନ, ଶକ୍ତିଶାଳୀ ପ୍ରୋସେସର, ୮୦ୱାଟ ସୁପରଭିଓସି ଫାଷ୍ଟ ଚାର୍ଜିଙ୍ଗ ସହ ଏକ ବୃହତ ୭୦୦୦ମେଗା ଆମ୍ପିୟର ବ୍ୟାଟେରୀ, ୧୨୦ଏଚଜେଡ ଆଇ-ଫ୍ରେଣ୍ଡଲି ଇ-ସ୍ପୋର୍ଟସ ଲେଭଲ ଫ୍ଲାଟ ସ୍କ୍ରିନ ସହ ସୁସଜ୍ଜିତ କେ୧୩ ଟର୍ବୋ ସିରିଜ ସବୁଠାରୁ ଚାହିଦାପୂର୍ଣ୍ଣ ସ୍ଥିତିରେ ମଧ ସ୍ଥାୟୀ, ଉଚ୍ଚ-କାର୍ଯ୍ୟଦକ୍ଷତା ଅନୁଭୂତି ପ୍ରଦାନ କରିଥାଏ, ଯାହା ଏହାକୁ ଆଜିର ଗତିଶୀଳ ଓ କାର୍ଯ୍ୟଦକ୍ଷତା-ଚାଳିତ ଯୁବପିଢିଙ୍କ ପାଇଁ ଉପଯୁକ୍ତ ପସନ୍ଦରେ ପରିଣତ କରୁଛି ।୮ଜିବି+୧୨୮ଜିବି ପାଇଁ ୨୭୦୦୦ଟଙ୍କା ଏବଂ ୮ଜିବି+୨୫୬ଜିବି ଭାରିଆଂଟ ପାଇଁ ୨୯୯୯୯ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ଓପୋ କେ୧୩ ଟର୍ବୋ ୫ଜିକୁ ୩ଟି ରଙ୍ଗ ବିକଳ୍ପରେ ଯେପରିକି ହ୍ୱାଇଟ ନାଇଟ, ପର୍ପଲ ଫାଂଟମ ଓ ମିଡନାଇଟ ମାଭରିକ ରେ ପ୍ରଦାନ କରାଯିବ । ସେହିଭଳି ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ୮ଜିବି+୨୫୬ଜିବି ପାଇଁ ୩୭୯୯୯ଟଙ୍କା ଓ ୧୨ଜିବି+୨୫୬ଜିବି ପାଇଁ ୩୯୯୯୯ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ସିଲଭର ନାଇଟ, ପର୍ପଲ ଫାଂଟମ ଏବଂ ମିଡନାଇଟ ମାଭରିକ ରେସିଙ୍ଗ ଡିଜାଇନରେ ଉପଲବ୍ଧ ହେବ । ଉଭୟ ସ୍ମାର୍ଟଫୋନ ପାଇଁ ପ୍ରି-ବୁକିଙ୍ଗ ଅଗଷ୍ଟ ୧୧ ତାରିଖ ୨୦୨୫ରୁ ଆରମ୍ଭ ହୋଇଥିବା ବେଳେ କେ୧୩ ଟର୍ବୋ ପ୍ରୋ ୫ଜିର ସେଲ ଅଗଷ୍ଟ ୧୫ ତାରିଖ, ୨୦୨୫ରୁ ଏବଂ କେ୧୩ ଟର୍ବୋ ୫ଜିର ସେଲ ଅଗଷ୍ଟ ୧୮ ତାରିଖ, ୨୦୨୫ରୁ ଫ୍ଲିପକାର୍ଟ, ଓପୋ ଇଣ୍ଡିଆ ଇ-ଷ୍ଟୋର ଓ ରିଟେଲ ଷ୍ଟୋରଗୁଡିକରେ ଆରମ୍ଭ ହେବ । ଏହି ଲଂଚ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡିସୁଜା କହିଛନ୍ତି, 'ନିଜର ଆଡ୍‌ଭାନ୍ସଡ ଥର୍ମାଲ ଡିଜାଇନ, ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଚିପସେଟ, ଉନ୍ନତ ହାଇ-ରିଫ୍ରେଶ ଡିସ୍‌ପ୍ଲେ ଓ ବୃହତ କ୍ଷମତାର ବ୍ୟାଟେରୀଗୁଡିକ ସହିତ କେ୧୩ ଟର୍ବୋ ସିରିଜର ଉଭୟ ମଡେଲ ଆମେ କହିବାକୁ ପସନ୍ଦ କରୁଥିବା 'ଓଭରପାୱାର୍ଡ' ପରଫର୍ମାନ୍ସ ପ୍ରଦାନ କରୁଛି ।' ସେହିଭଳି ଫ୍ଲିପକାର୍ଟର ମୋବାଇଲ୍ସ ବିଭାଗର ଉପାଧ୍ୟକ୍ଷ ସ୍ମୃତି ରବିଚନ୍ଦ୍ରନ କହିଛନ୍ତି, 'ଓପୋ ଇଣ୍ଡିଆ ସହ ଆମର ଦୀର୍ଘକାଳିନ ସହଭାଗିତାର ଅଂଶ ଭାବେ ଆମେ ଫ୍ଲିପକାର୍ଟ ମାଧ୍ୟମରେ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ଏହି ପାୱାର-ପ୍ୟାକଡ ସିରିଜ ଆଣି ଗର୍ବିତ ଏବଂ ମିଡ୍-ରେ ସ୍ମାର୍ଟଫୋନର କ୍ଷମତାକୁ ପୁନଃବ୍ୟାଖ୍ୟା କରିବାରେ ସାହାଯ୍ୟ କରିବା ପାଇଁ ଅପେକ୍ଷା କରିଛୁ ।' ପ୍ରିବୁକିଙ୍ଗ ଓ ପ୍ରଥମ ସେଲ୍ ଦିବସ ସମୟରେ ଉପଭୋକ୍ତାମାନେ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଅଫର କିମ୍ବା ଏକ୍ସଚେ ବୋନସ୍ ସହିତ ୩୦୦୦ ଟଙ୍କାର ତତ୍କାଳ ରିହାତି ସମେତ ୯ ମାସର ନୋ କଷ୍ଟ ଇଏମଆଇ ବିକଳ୍ପ ପାଇପାରିବେ ଯାହା କେ୧୩ ଟର୍ବୋ ୫ଜି ପାଇଁ ପ୍ରଭାବୀ ମୂଲ୍ୟକୁ ୨୪୯୯୯ଟଙ୍କା ଓ ୨୫୯୯୯ଟଙ୍କା ଏବଂ କେ୧୩ ଟର୍ବୋ ପ୍ରୋ ୫ଜି ପାଇଁ ପ୍ରଭାବୀ ମୂଲ୍ୟକୁ ୩୪,୯୯୯ଟଙ୍କା ଏବଂ ୩୬୯୯୯ଟଙ୍କାକୁ ହ୍ରାସ କରିବ । ଗ୍ରାହକମାନେ ଫ୍ଲିପକାର୍ଟ ମିନିଟ୍ସ ମାଧ୍ୟମରେ ନିଜ ଡୋରଷ୍ଟେପରେ ଓପୋ କେ୧୩ ଟର୍ବୋ ସିରିଜର ଟର୍ବୋ ସ୍ପିଡ ଡେଲିଭରି ଅନୁଭୂତି ପାଇପାରିବେ ।

# ମାଲାବାର ସୁନା ସହିଦ ନଗର ଷ୍ଟୋରରେ 'ବିଶେଷ ବ୍ରାଣ୍ଡେଡ୍ ଅଳଙ୍କାର' ପ୍ରଦର୍ଶନୀ ଆରମ୍ଭ କରିଛି

ଭୁବନେଶ୍ୱର,(ପି.ଏନ): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଭୁବନେଶ୍ୱର ଶୋ'ରୁମ୍ ' ବିଶେଷବ୍ରାଣ୍ଡେଡ୍ ଅଳଙ୍କାର ଶୋ' ଉପସ୍ଥାପନ କରୁଛି, ଯାହା ସୁନା, ଖଣି ହୀରା, ଅକଟାହୀରା ଏବଂ ମୂଲ୍ୟବାନ ରତ୍ନ ଅଳଙ୍କାରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ବିକ୍ରୟ ।କାଳଜୟୀ ସୌନ୍ଦର୍ଯ୍ୟ ଥବା ବୈଶିଷ୍ଟ୍ୟଯୁକ୍ତ ଅଳଙ୍କାରଗୁଡ଼ିକ ମାଷ୍ଟରକାରିଗରଙ୍କ ସୃଷ୍ଟି । ଏହି ଅଳଙ୍କାରଗୁଡ଼ିକ ସେମାନଙ୍କର ବିଶେଷଜ୍ଞତା ଏବଂ ଚ଼ତୁରତା ଦକ୍ଷତାର ଉଜ୍ଜ୍ୱଳଉଦାହରଣ । ଏହି ପ୍ରଦର୍ଶନୀରେ



ମୁଖ୍ୟ ଅତିଥି ଡକ୍ଟର ସାଇପ୍ରସନ୍ନ ବେହେରା, ଶ୍ରୀମତୀଗ୍ରାଣ୍ଡ୍ ଆନ୍ତର୍ଜାତୀୟ ୨୦୨୩-୨୪ ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ମ୍ୟାନେଜମେଣ୍ଟ୍ ଦଳ, ବିଶିଷ୍ଟ ଅତିଥି ଏବଂ ଶୁଭେଚ୍ଛୁଙ୍କଉପସ୍ଥିତିରେ ଉଦ୍‌ଘାଟନ କରିଛନ୍ତି ।ଏହି ପ୍ରଦର୍ଶନୀ ରୁବି, ଏମେରାଲ୍, ଅକଟା ହୀରା ଅଳଙ୍କାର ଏବଂ ହୀରା ଅଳଙ୍କାର ପ୍ରଦାନ କରେ । ଏହି ଶୋ'ରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଅକଟ୍ ହୀରା ଅଳଙ୍କାର, ଓ ଅଳଙ୍କାରର ସ୍ୱତନ୍ତ୍ର ବ୍ରାଣ୍ଡଗୁଡ଼ିକ ପ୍ରଦର୍ଶିତ ହେଉଛି । ଏହି ଶୋ' ୮ ଅଗଷ୍ଟରୁ ୧୭ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ, କେବଳ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ସହିଦ ନଗର, ଭୁବନେଶ୍ୱର ଶୋ'ରୁମରେ ଅନୁଷ୍ଠିତ ହେବ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray